# କୁରାଳ ପଞ୍ଚମୀ ଉତ୍ସବ

ଚାନ୍ଦବାଲି,୧୦।୧୨(ଅଶୋକ ପଣ୍ଡା)

ଚାନ୍ଦବାଲି ସହର ଉପକଣ୍ଠ ନୟାପାଟଣା ଗ୍ରାମରେ ଲକ୍ଷ୍ମୀନାରାୟଣ କୁରାଳ ସଂଘ ଆନୁକୂଲ୍ୟରେ କୁରାଳ ପଞ୍ଚମୀ ଉତ୍ସବ ଚାଲିଛି। ସଂଘର ସଭାପତି ରବୀନ୍ଦ୍ର ମୁଦୁଲିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ କୁମ୍ଭକାର ସମ୍ପ୍ରଦାୟର ଆରାଧ୍ୟ ଦେବତା ଶ୍ରୀ ଶ୍ରୀ ଲକ୍ଷ୍ମୀନାରାୟଣଙ୍କ ପୂଜାର୍ଚ୍ଚନା କରାଯାଉଛି। ଗତ ୬ ତାରିଖରୁ ଆରମ୍ଭ ହୋଇଥିବା ଏହି ପୂଜାରେ ପ୍ରତ୍ୟେହ ଗୀତା, ଭାଗବତ ପାଠ କରାଯାଇ ଗ୍ରାମବାସୀଙ୍କ ମଧ୍ୟରେ ଏକ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି କରାଯାଇଛି। ସଂଘର ସମ୍ପାଦକ ଧାନଚାନ୍ଦ ବେହେରା, ବରିଷ୍ଠ ସଦସ୍ୟ ପ୍ରସନ୍ନ କୁମାର ବେହେରା, ଅମୂଲ୍ୟ କୁମାର ବେହେରା, ସୁଶାନ୍ତ ମୁଦୁଲି, ସୁଶାନ୍ତ ବେହେରା, ରମେଶ ବେହେରା, ଜୟଦେବ ବେହେରା, ରଶ୍ମିରଞ୍ଜନ ବେହେରା ପ୍ରମୁଖ ପରିଚାଳନା କରୁଛନ୍ତି।

**ବନ୍ତଛକରେ ଟ୍ରାଫିକ୍ ଅବ୍ୟବସ୍ଥା**

# ଭିଡ଼ରେ ଫସି ରହୁଛନ୍ତି ଲୋକେ

ଭଦ୍ରକ,୧୦।୧୨(ସନାତନ ରାଉତ)

ଭଦ୍ରକ ସହରର ମୁଖ୍ୟ ପ୍ରବେଶ ପଥ ବନ୍ତଛକରେ ଟ୍ରାଫିକ୍ ଅବ୍ୟବସ୍ଥା। ଅଧିକାଂଶ ସମୟରେ ଏଠାରେ ଟ୍ରାଫିକ୍ ଜାମ୍ ରହୁଥିବାରୁ ଦୀର୍ଘ ସମୟ ଧରି ଲୋକେ ଭିଡ଼ରେ ଫସି ରହୁଛନ୍ତି। ଏପରିକି ଆମ୍ବୁଲାନ୍ସ ମଧ୍ୟ ଏଥିରୁ ବାଦ୍ ପଡୁନି। ଭୁବନେଶ୍ୱରରୁ ବାରିପଦା, ବାଲେଶ୍ୱର ଆସୁଥିବା ବସ୍, ଆନନ୍ଦପୁର ଓ କେନ୍ଦୁଝରରୁ ଆସୁଥିବା ଟ୍ରକ୍, ବସ୍, ଆଗରପଡ଼ାରୁ ଆସୁଥିବା ଗାଡ଼ିଗୁଡ଼ିକ ମଧ୍ୟ ଏହି ବନ୍ତଛକ ଦେଇ ଭଦ୍ରକ ସହର ମଧ୍ୟକୁ ପ୍ରବେଶ କରିଥାଏ। ଭୁବନେଶ୍ୱରରୁ ଆସୁଥିବା ବସ୍‌ଗୁଡ଼ିକ ଯାତ୍ରୀ ପରିବହନ ପାଇଁ ୧୬ ନଂ. ଜାତୀୟ


ବନ୍ତଛକରେ ଟ୍ରାଫିକ୍ ଜାମ୍।

ରାଜପଥର ବନ୍ତଛକ ସର୍ଭିସ୍‌ରୋଡ୍‌ରେ ଠିଆ ହୋଇ ରହୁଥିବାରୁ ରାସ୍ତା ଜାମ୍ ହେଉଛି। ଏହି ସମୟରେ ଟ୍ରକ୍, କାର୍ ସେହି ରାସ୍ତାରେ ଆସିଗଲେ ସମ୍ପୂର୍ଣ୍ଣ ରାସ୍ତା ଜାମ୍ ହୋଇଯାଉଛି। ଫଳରେ ବାଇକ୍ ଓ କାର୍‌ରେ ଜରୁରୀ କାମରେ ଯାଉଥିବା ଲୋକେ ଦୀର୍ଘ ସମୟ ଫସି ରହୁଥିବା ବେଳେ ଏହାକୁ ନେଇ ଯାତ୍ରୀମାନେ ଅସନ୍ତୋଷ ପ୍ରକାଶ କରୁଛନ୍ତି।

ଅପରପକ୍ଷେ କିଛିଦିନ ତଳେ ବନ୍ତଛକ ଏଲ୍‌ଆଇସି ଅଫିସ୍ ନିକଟରେ କଲ୍‌ଭର୍ଟ ନିର୍ମାଣ ପାଇଁ ଅଧା ରାସ୍ତା ଖୋଳାଯାଇଥିବାରୁ ଏହି ସମସ୍ୟାକୁ ଦ୍ୱିଗୁଣିତ କରିଛି। ବନ୍ତଛକ ଓଭରବ୍ରିଜ୍‌ର ଅପରପଟରେ ଟ୍ରାଫିକ ପୋଲିସ ରହୁଥିବା ବେଳେ ଭୁବନେଶ୍ୱରରୁ ବାଲେଶ୍ୱର ଆସୁଥିବା ବସ୍ ରହୁଥିବା ସ୍ଥାନରେ ଟ୍ରାଫିକ ପୋଲିସ ରହୁ ନ ଥିବାରୁ ପ୍ରତିଦିନ ଏଭଳି ଟ୍ରାଫିକ ଜାମ୍ ସମସ୍ୟା ଲାଗି ରହିଛି।

# ୧୬୬ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ


ପ୍ରତିଯୋଗୀଙ୍କ ଦ୍ୱାରା ପ୍ରଦର୍ଶିତ ପ୍ରକଳ୍ପ।

ଧାମନଗର/ ଦୋବଲ,୧୦।୧୨ (ଦେବେନ୍ଦ୍ର ଆଦିଆ/ ସନ୍ତୋଷ କୁମାର ମହାପାତ୍ର/ ମଦନ ମୋହନ ଦାସ)

ଧାମନଗର ବ୍ଲକର ଦୋବଲ ଏସ୍‌ଏଜେ ଉଚ୍ଚ ବିଦ୍ୟାଳୟ ପରିସରରେ ମଙ୍ଗଳବାର ବ୍ଲକସ୍ତରୀୟ ବିଜ୍ଞାନ ମେଳା ଓ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧୀନ ବିଭିନ୍ନ ସ୍କୁଲରୁ ମୋଟ ୧୬୬ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସେଥିମଧ୍ୟରୁ ଶ୍ରେଷ୍ଠ ୭ ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ ହୋଇଛି। ବ୍ଲକ ସ୍ତରରେ ୨୧ କୃତୀ ଛାତ୍ରୀଛାତ୍ରଙ୍କୁ ଦୋବଲସ୍ଥିତ ଷ୍ଟେଟବ୍ୟାଙ୍କ ପକ୍ଷରୁ ଟ୍ରଫି ପ୍ରଦାନ କରାଯାଇଥିଲା। ବ୍ଲକ ଶିକ୍ଷା ଅଧିକାରୀ ଜଗବନ୍ଧୁ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ସରୋଜ ଦତ୍ତ, ମୁଖ୍ୟବକ୍ତା ପ୍ରଧାପକ କମଳାକାନ୍ତ ନାୟକ ଏବଂ ଅନ୍ୟତମ ଅତିଥି ଭାବେ ଅବସରପ୍ରାପ୍ତ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ବୃନ୍ଦାବନ ଶତପଥୀ, ପଞ୍ଚାୟତ ସମିତି ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ବିଡିଓ ବନବିହାରୀ ଦିଣ୍ଡା, ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ ପୁହାଣ, ଏମ୍‌ପି ପ୍ରତିନିଧି ମନୋରଞ୍ଜନ ମଲ୍ଲିକ, ସରପଞ୍ଚ ଅଶୋକ ପଣ୍ଡା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଶିକ୍ଷୟିତ୍ରୀ ଲିପିକା ବେହେରା ମଞ୍ଚ ଆହ୍ୱାନ, ବିଜ୍ଞାନ ସଂଯୋଜକ ଅକ୍ଷୟ କୁମାର ହୋତା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷକ ବିଭୂତି ଭୂଷଣ ମିଶ୍ର ଧନ୍ୟବାଦ ଦେଇଥିଲେ। ଶିକ୍ଷକ ନେତା ସନ୍ତୋଷ ଲେଙ୍କା, ଭାବଗ୍ରାହୀ ଖୁଣ୍ଟିଆ, ସୁରେନ୍ଦ୍ର ସେଠୀ, ପ୍ରଶାନ୍ତ କୁମାର ବେହେରା, ରୂପକ କୁମାର ମିଶ୍ର, ପୁରସ୍ତମ କର, ଧର୍ମେନ୍ଦ୍ର ବେହେରା, ପ୍ରଧାନ ଶିକ୍ଷକ ସମୀର ଗୋସ୍ୱାମୀ, ରମଣୀ ରଞ୍ଜନ ରାଉତ, ଖଗେଶ୍ୱର ଯେନା, ଗୋବିନ୍ଦ ମାଝୀ, ଶିକ୍ଷକ ତପନ ପାଢ଼ୀ, ସଞ୍ଜିତ ସାହୁ, ନିରାକାର ରାଉତ, ଭରତ କର, ଶିକ୍ଷୟିତ୍ରୀ ଉଜ୍ଜ୍ୱଳିକା ଦ୍ୱିବେଦୀ ଓ ସମସ୍ତ ସିଆର୍‌ସିସି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଦୋବଲ ଷ୍ଟେଟବ୍ୟାଙ୍କ ଶାଖା ପରିଚାଳକ ନିଗମାନନ୍ଦ ନାୟକ, ମୁଖ୍ୟବକ୍ତା ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସତ୍ୟସୁନ୍ଦର ପରିଡ଼ା, ଅନ୍ୟତମ ଅତିଥି ଭାବେ ଜିଲା ପରିଷଦ ସଭ୍ୟା ଉର୍ମିଳା ବିଶ୍ୱାଳ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଭୀମସେନ ହୋ, ବିଜୟାଲକ୍ଷ୍ମୀ ନାୟକ, ସିଆର୍‌ସିସି ହାପା ମାରାଣ୍ଡି, ପ୍ରଧାନ ଶିକ୍ଷକ ଅକ୍ଷୟ ହୋତା, ବିଭୂତି ଭୂଷଣ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ।

# ଓଭରବ୍ରିଜ୍‌ରୁ ଖସିପଡ଼ିଲା ଟ୍ରକ୍



ଭଦ୍ରକ,୧୦।୧୨(ସନାତନ ରାଉତ)

୧୬ ନଂ. ଜାତୀୟ ରାଜପଥର ମୋଟେଲ ଛକ ନିକଟରେ ମଙ୍ଗଳବାର ମଧ୍ୟାହ୍ନରେ ଏକ ଚା ପତି ବୋଝେଇ ଟ୍ରକ୍ ଓଭରବ୍ରିଜ୍‌ରୁ ସର୍ଭିସ୍‌ରୋଡ୍‌କୁ ଖସିପଡ଼ିଛି। ସେହି ସମୟରେ ସର୍ଭିସ୍‌ରୋଡ୍‌ରେ ଗାଡ଼ି ଯାଉ ନ ଥିବାରୁ ସୌଭାଗ୍ୟବଶତଃ ଏକ ବଡ଼ ଦୁର୍ଘଟଣା ଟଳିଯାଇଛି। ଓଲଟି ପଡ଼ିଥିବା ଟ୍ରକ୍‌ର ଡ୍ରାଇଭର ଅଳ୍ପକେ ବର୍ତ୍ତି ଯାଇଛନ୍ତି।

ସୂଚନା ଅନୁଯାୟୀ, କୋଚିରୁ ଏକ ଟ୍ରକ୍ ଚା ପତି ବୋଝେଇ କରି ବେଙ୍ଗାଲୁରୁ ଅଭିମୁଖେ ଯାଉଥିଲା। ଚାଳକଙ୍କ ଆଖି ଲାଗିଯିବା କିମ୍ବା ଅସାବଧାନତା କାରଣରୁ ମୋଟେଲ ଛକ ନିକଟରେ ଓଭରବ୍ରିଜ୍‌ରୁ ଗାଡ଼ିଟି ତଳକୁ ଓଲଟି ପଡ଼ିଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିବା ସହ ହାଇଡ୍ରା ସାହାଯ୍ୟରେ ଓଲଟି ପଡ଼ିଥିବା ଟ୍ରକ୍‌କୁ ସାଇଡ୍ କରିଥିଲା। ଟାଉନ ପୋଲିସ ଦୁର୍ଘଟଣାର ତଦନ୍ତ ଆରମ୍ଭ କରିଥିବା ବେଳେ ଏନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି।

# 'ତିହିଡ଼ିରେ କାନ୍ତକବିଙ୍କ ପ୍ରତିମୂର୍ତ୍ତି ସ୍ଥାପନ ନ ହେବା ଦୁର୍ଭାଗ୍ୟଜନକ'

ତିହିଡ଼ି,୧୦।୧୨(ସଞ୍ଜିତ ବଳ)

ତିହିଡ଼ିରେ କାନ୍ତକବିଙ୍କ ପ୍ରତିମୂର୍ତ୍ତି ସ୍ଥାପନ ନ ହେବା ଦୁର୍ଭାଗ୍ୟର ବିଷୟ। ତିହିଡ଼ିର ଗର୍ବ ଗୌରବ କାନ୍ତକବିଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଦିଗରେ ତୁରନ୍ତ ଦୃଷ୍ଟି ଦିଆଯିବା ଆବଶ୍ୟକ ବୋଲି ତିହିଡ଼ି ସାହିତ୍ୟ ସାଂସ୍କୃତିକ ମଞ୍ଚ ପକ୍ଷରୁ ଅନୁଷ୍ଠିତ କାନ୍ତକବିଙ୍କ ଜୟନ୍ତୀ ଉତ୍ସବରେ ମୁଖ୍ୟଅତିଥି ତ୍ୟାଗଭୂମି ସାଂସ୍କୃତିକ ସମ୍ମେଳନର ସଭାପତି ଅଜୟ କୁମାର ନାୟକ କହିଛନ୍ତି। ସୋମବାର ସନ୍ଧ୍ୟାରେ ସ୍ଥାନୀୟ ବ୍ରିଗେଡ୍ ସୈନିକ ସ୍କୁଲ ପରିସରରେ ମଞ୍ଚର ଉପଦେଷ୍ଟା ସ୍ତମ୍ଭକାର ଡ. ବିଶ୍ୱରଞ୍ଜନ ଦାସଙ୍କ ସଭାପତିତ୍ୱରେ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ୧୩୭ତମ ଜୟନ୍ତୀ ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟବକ୍ତା ଭାବେ କଥାକାର ପବିତ୍ର ପାଣିଗ୍ରାହୀ ଯୋଗଦେଇ କାନ୍ତକବିଙ୍କ କାଳଜୟୀ ରଚନାବଳୀ ଉପରେ କହିଥିଲେ। କବୟିତ୍ରୀ ବିଶ୍ୱମୈତ୍ରୀ ନାୟକଙ୍କ ସଂଯୋଜନାରେ ଆୟୋଜିତ କାନ୍ତ କବିତା ସନ୍ଧ୍ୟାରେ କବି ଗୋଲକ ପ୍ରସାଦ


ଜୟନ୍ତୀ ଉତ୍ସବରେ ଉପସ୍ଥିତ ଅତିଥି।

ବୈୟାରୀ, ବିପ୍ଳବ ରଞ୍ଜନ ପତି, ରଘୁନାଥ ପାତ୍ର, ମଥୁରା ମୋହନ ବେହେରା, ପି. ହୃଷୀକେଶ, ଦେବେନ୍ଦ୍ର ମହାଳିକ, କଳ୍ପତରୁ ସେଠୀ, ମନୋଜ ପାଣିଗ୍ରାହୀ, ଗୌରାଙ୍ଗ ନନ୍ଦ, ବସନ୍ତ କୁମାର ଦାସ, ଅମୂଲ୍ୟ ସେନାପତି, ଜ୍ୟୋତିକୃଷ୍ଣ ସାମଲ, ସୁବାସ ମହାନ୍ତି, ଅଭୟ ଦାସ, ମୁକୁନ୍ଦଦେବ ନାୟକ, ଆଶୁତୋଷ କରଣ, ପ୍ରଫୁଲ୍ଲ ପାଢ଼ୀ, ହରିହର ମଲ୍ଲିକ, ରୀନାରାଣୀ ପାତ୍ର, ବୈକୁଣ୍ଠନାଥ ଓଝା, ପୀତାମ୍ବର ସେଠୀ, ଅବ୍ଦୁଲ ଦୟାନ, ରତିକାନ୍ତ ଦାସ, ମୁସ୍ତାକ ଗହ୍ୱର ପ୍ରମୁଖ କବିତା ପାଠ କରିଥିଲେ। କଣ୍ଠଶିଳ୍ପୀ ଓ କବି ପୁଷ୍ପାଞ୍ଜଳି ତ୍ରିପାଠୀ ପ୍ରାରମ୍ଭିକ ସଂଗୀତ 'ବନ୍ଦେ ଉତ୍କଳ ଜନନୀ' ଗାନ କରିଥିଲେ। ଅତିଥିମାନଙ୍କୁ ମଞ୍ଚ ଆହ୍ୱାନ କରିଥିଲେ ଯୁବକବି ସୁବ୍ରତ ମିଶ୍ର। ଯୁବକବି ନିରଞ୍ଜନ ବାରିକ ଅତିଥି ପରିଚୟ, ମଞ୍ଚର ଆବାହକ ଗାଳ୍ପିକ କୈଳାସ ବେହେରା ସ୍ୱାଗତ ଭାଷଣ ଓ ସଂଯୋଜକ ବିସ୍ମୟ ବିହାରୀ ସାହୁ ଧନ୍ୟବାଦ ଦେଇଥିଲେ।

# ମାନବ ଅଧିକାର ସଚେତନତା


ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଭଦ୍ରକ,୧୦।୧୨(ସନାତନ ରାଉତ/ ରବିନାରାୟଣ ଖିଲାର)

ଭଦ୍ରକ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ମଙ୍ଗଳବାର ଚରମ୍ପାସ୍ଥିତ ରାମଚନ୍ଦ୍ର ବିହାରୀ ଲାଲ୍ (ଆର୍‌ସିବିଏଲ୍) ଉଚ୍ଚ ବିଦ୍ୟାଳୟରେ ମାନବ ଅଧିକାର ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ଆଇନସେବା ପ୍ରାଧିକରଣ ସଚିବ ନେହା ଅଗ୍ରୱାଲ ପରିଚାଳନା କରିଥିଲେ। ସମସ୍ତ ନାଗରିକ ପରସ୍ପର ଅଧିକାର ପ୍ରତି ସମ୍ମାନ ଦେବା ଓ ଏ ବିଷୟରେ ସଚେତନ ହେବା ମାନବ ଅଧିକାର ସୁରକ୍ଷାର ମୂଳ ଆଧାର ବୋଲି ସେ କହିଥିଲେ। ଅନ୍ୟତମ ଅତିଥି ଇନ୍ସପେକ୍ଟର ମୋନାଲିସା କର, ଡ. ତାପସ କୁମାର ମହାନ୍ତି, ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ନାୟକ, ଶିକ୍ଷୟିତ୍ରୀ ସ୍ମିତା ସୁଚରିତା ମଲ୍ଲିକ ପ୍ରମୁଖ ଯୋଗଦେଇ ମାନବିକ ଅଧିକାର ସୁରକ୍ଷାରେ ମହିଳାମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ରଙ୍ଗୋଲି, ତର୍କ ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

# ପୂଜ୍ୟପୂଜା ସାଂସ୍କୃତିକ ପରିଷଦର ବାର୍ଷିକ ସମାରୋହ

ଧାମନଗର,୧୦।୧୨ (ଦେବେନ୍ଦ୍ର ଆଦିଆ)

ଧାମନଗର ପୂଜ୍ୟପୂଜା ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ମଙ୍ଗଳବାର ଧାମନଗର ତହସିଲ ସମ୍ମୁଖ ସାଇ କଲ୍ୟାଣ ମଣ୍ଡପଠାରେ ପରିଷଦର ବାର୍ଷିକ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଦ୍ୟୁମ୍ନ ବଳ ସ୍ମୃତି ପରିଷଦର ୨୬ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଭଦ୍ରକ ଜିଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ, ମୁଖ୍ୟବକ୍ତା ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ଏବଂ ଅନ୍ୟତମ ଅତିଥି ଭାବେ ଧାମନଗର ପଞ୍ଚାୟତ ସମିତି ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ଶିକ୍ଷାବିତ୍ ନିତ୍ୟାନନ୍ଦ ମିଶ୍ର, ଦୋବଲ ଷ୍ଟେଟବ୍ୟାଙ୍କ ଶାଖା ପରିଚାଳକ ନିଗମାନନ୍ଦ ନାୟକ, ଖବରଦାତା ପ୍ରତାପ ଦାସ, ଅସୁରାଳିସ୍ଥିତ ବୈଷୟିକ ଶିକ୍ଷା ତାଲିମ କେନ୍ଦ୍ର(ବେଷ୍ଟ)ର ଅଧ୍ୟକ୍ଷ ରବୀନ୍ଦ୍ର ଜେନା, କବି ଦୟାନିଧି ମିଶ୍ର ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ।

ସଂଯୋଜିକା ନିରୂପମା ପତି ସଂଯୋଜନା ଓ ପୂଜ୍ୟପୂଜା ପରିଷଦର ସଭାପତି ଆଇନଜୀବ ଦେବାଶିଷ ସାମଲ ସଭାପତିତ୍ୱ କରିଥିଲେ। ସ୍ମୃତି ପରିଷଦର ସଭାପତି ଚିତ୍ତରଞ୍ଜନ ଦାସ ଅତିଥି ପରିଚୟ ଓ ପରିଷଦର ଉପଦେଷ୍ଟା ରସାନନ୍ଦ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ସମ୍ପାଦକ ପ୍ରଦୀପ କୁମାର ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ପରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ତହସିଲଦାର ଦୀପକ କୁମାର ଦାସ, ଖବରଦାତା କିଶାନ ରାଉତ, ଡ. ହରପ୍ରିୟା ସେଠୀ, ଶିକ୍ଷୟିତ୍ରୀ ତଥା ସଂଯୋଜିକା ନିରୂପମା, ଶିକ୍ଷୟିତ୍ରୀ ସୁମତି ନାୟକ, ସାମାଜିକ କର୍ମୀ ଡ. ଏମ୍.ଡି. ଯାହିରି, ପ୍ରଧାନ ଶିକ୍ଷକ ଏମ୍.ଡି. ହବିବୁଲ କରୀମି, ଛାତ୍ରୀ ଅଲଉଇନି ମିରାକିଲ ନାୟକ, ସରପଞ୍ଚ ଅଜୟ କୁମାର ମଲ୍ଲିକ, ଅଶୋକ ପଣ୍ଡା, ସାମାଜିକ କର୍ମୀ ସେକ ହମିଦି, ନୃତ୍ୟଶିଳ୍ପୀ, ଛାତ୍ରୀ ସୃଷ୍ଟି ଶିବାନୀ ସ୍ୱାଇଁ ଓ ଖବରଦାତା ଅଜିତ୍ ସାମଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କୃଷ୍ଣଚନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ମିଛ କହି ବାହାହେଲେ, ବ୍ୟବସାୟ ନାଁରେ ଠକୁଥିଲେ ସ୍ୱାମୀ

ଭଦ୍ରକ,୧୦।୧୨(ସନାତନ ରାଉତ)

**ନ୍ୟାୟ ପାଇଁ ଏସ୍‌ପିଙ୍କୁ ଭେଟିଲେ ଅହମଦାବାଦର ମହିଳା**

ଗୁଜରାଟ ଅହମଦାବାଦର ଜଣେ ଯୁବତୀଙ୍କୁ ମିଛ କହି ପ୍ରେମ ଜାଲରେ ଫସାଇ ବାହା ହୋଇଥିଲେ ବନ୍ତ ଥାନା ଅଞ୍ଚଳର ଯୁବକ। ବିଭିନ୍ନ ସମୟରେ ବିଭିନ୍ନ ଆଳ ଦେଖାଇ ବ୍ୟବସାୟ କରିବା ନାଁରେ ଯୁବକ ଜଣକ ତାଙ୍କଠାରୁ ଲକ୍ଷାଧିକ ଟଙ୍କା ହାତେଇଛନ୍ତି। ସତ ଜଣାପଡ଼ିବା ପରେ ମହିଳା ଜଣକ ଥାନାରେ ଅଭିଯୋଗ କରିବା ପରେ ମାମଲା ରୁଜୁ ହୋଇଛି। ହେଲେ ପୋଲିସ କାର୍ଯ୍ୟାନୁଷ୍ଠାନରେ ବିଳମ୍ବ କରୁଥିବା ଅଭିଯୋଗ ଆଣି ମହିଳା ନ୍ୟାୟ ପାଇଁ ମଙ୍ଗଳବାର ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ଠକାମି, ଯୌତୁକ ନିର୍ଯ୍ୟାତନାର ଶିକାର ମନୋଜ ନାୟକ ଅହମଦାବାଦର ରହୁଥିବା ବେଳେ ତାଙ୍କ ସମ୍ପର୍କରେ ଆସିଥିଲେ। ଗାଁରେ ଆଳୁ, ପିଆଜର ବଡ଼ ବ୍ୟବସାୟ ଚାଲିଥିବା ବେଳେ ୩୫ ଏକର ଜମି, ଦାମୀ ଦାମୀ କାର୍ ଅଛି ବୋଲି ମିଛ ପ୍ରଲୋଭନ ଦେଖାଇ ମନୋଜ ତାଙ୍କୁ ପ୍ରେମଜାଲରେ ଫସାଇ ବିବାହ କରିଥିଲେ। ପରେ ବ୍ୟବସାୟ କରିବା ପାଇଁ ଅଧିକ ଟଙ୍କା ଆବଶ୍ୟକ ଦର୍ଶାଇ ତାଙ୍କ ପରିବାରଠାରୁ ବିଭିନ୍ନ କିସ୍ତିରେ ୩ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ନେଇଥିବା ସେ ଗତ ନଭେମ୍ବର ୯ରେ ବନ୍ତ ଥାନାରେ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି। ୨୦୧୯ରେ ସେମାନଙ୍କର ବିବାହ ହୋଇଥିବା ବେଳେ ୨ବର୍ଷର ପୁଅ ଅଛି। ବିବାହର ବର୍ଷେ ପରେ ମନୋଜ ତାଙ୍କୁ ଗାଁକୁ ଆଣିଥିବା ବେଳେ ସେ ସବୁ ସତ ଜାଣିପାରିଥିଲେ। ଏନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ତାଙ୍କ ଅଭିଯୋଗକ୍ରମେ ବନ୍ତ ଥାନାରେ ମାମଲା (ନଂ.୧୭୬/୨୪) ରୁଜୁ ହୋଇଛି। କିନ୍ତୁ ପୋଲିସ ମନୋଜଙ୍କୁ ଗିରଫ କରୁ ନ ଥିବା ହୀରାବେନ ଏସ୍‌ପିଙ୍କୁ ଭେଟି ଅଭିଯୋଗ ଜଣାଇଛନ୍ତି। ଏହା ଉପରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପି ମଡ଼କର ସନ୍ଦୀପ ସମ୍ପଦ ପ୍ରତିଶ୍ରୁତି ଦେଇଥିବା ହୀରାବେନ କହିଛନ୍ତି।

# ବିଦ୍ୟୁତ୍ ଆଘାତରେ କର୍ମଚାରୀ ମୃତ

ନୀଳଗିରି,୧୦।୧୨(ପ୍ରଶାନ୍ତ ବିଶ୍ୱାଳ)

ବରହମପୁର ବିଦ୍ୟୁତ୍ ବିଭାଗ ଭାଲୁକାଶୁଣୀ ଷ୍ଟ୍ରକଚର ଅଧୀନରେ ଥିବା ଟିୟାକଟା ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରେ ଉଠା ଜଳସେଚନ ପଏଣ୍ଟରେ ମରାମତି କରୁଥିବା ବେଳେ ବିଦ୍ୟୁତ୍ ଅଘାତରେ ଜଣେ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ନରଣପୁର ଗ୍ରାମର କାର୍ତ୍ତିକ ସାହୁ (୨୪)। ସେ ସଟଡାଉନ୍ ନେଇ କାମ କରୁଥିବା ବେଳେ ହଠାତ୍ ବିଦ୍ୟୁତ୍ ଚାର୍ଜ ହୋଇଯାଇଥିଲା। ସଙ୍ଗେସଙ୍ଗେ ସାଥୀ କର୍ମଚାରୀମାନେ କାର୍ତ୍ତିକଙ୍କୁ ନୀଳଗିରି ମେଡିକାଲ ଆଣିଥିଲେ। କଟକ ସ୍ଥାନାନ୍ତର ବେଳେ ରାସ୍ତାରେ ତାଙ୍କର ମୃତ୍ୟୁ ହୋଇଥିଲା। ତେବେ ବିପଦପୂର୍ଣ୍ଣ କାମ କରୁଥିବା ବେଳେ କିଏ ଓ କାହା ଫୋନ୍ କଲରେ ବିଦ୍ୟୁତ୍ ଚାର୍ଜ କରାଗଲା ତାହାର ତଦନ୍ତ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ସେତୁ ଉପରୁ ଖସିପଡ଼ି ଜୀବନ ଗଲା

ଭଣ୍ଡାରିପୋଖରୀ,୧୦।୧୨(ରାଜେନ୍ଦ୍ର ଶତପଥୀ)

ମଞ୍ଜୁରୀରୋଡ୍ ଫାଣ୍ଡି ଅଧୀନ ଛତାବର-ନିଳୋକ ପୂର୍ତ୍ତ ରାସ୍ତାର ଛଞ୍ଚଣା ବଜାରସ୍ଥିତ ରେବ ନଦୀ ସେତୁ ଉପରୁ ଜଣେ ବ୍ୟକ୍ତି ଖସିପଡ଼ିବାରୁ ମୃତ୍ୟୁ ଘଟିଛି। ମୃତକ ଛଞ୍ଚଣା ଗ୍ରାମ ହାଟସାହିର ଚକ୍ରଧର ଦଳେଇ(୫୮)। ସେତୁର ସୁରକ୍ଷା ବାଡ଼ ଭଗ୍ନ ଅବସ୍ଥାରେ ରହିଛି। ଚକ୍ରଧର ସୋମବାର ରାତିରେ କେନ୍ଦୁଝର ଜିଲା ନନ୍ଦୀପଦା ଥାନା ଅଧୀନ ସରଳା ଗ୍ରାମକୁ ସାଇକେଲରେ ଯାଉଥିବା ବେଳେ ଦୁର୍ଘଟଣା ଘଟିଥିବା ଅନୁମାନ କରାଯାଉଛି। ଚକ୍ରଧର ନିୟମିତ ମାଛ ଧରିବାକୁ ରାତି ୪ଟାରେ ସରଳା ଗ୍ରାମକୁ ଯାତାୟାତ କରୁଥିଲେ। ଚକ୍ରଧର ସେତୁର ୨୦ ଫୁଟ୍ ତଳକୁ କଂକ୍ରିଟ ଉପରେ ପଡ଼ିବା ଫଳରେ ତାଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ତାଙ୍କ ମୁହଁ ପାଣିରେ ବୁଡ଼ି ରହିଥିଲା। ମଙ୍ଗଳବାର ସକାଳେ ଜଣେ ବ୍ୟକ୍ତି ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ମଞ୍ଜୁରୀରୋଡ୍ ଫାଣ୍ଡିକୁ ଖବର ଦେଇଥିଲେ। ଫାଣ୍ଡି ପୋଲିସ ପହଞ୍ଚି ଚକ୍ରଧରଙ୍କୁ ମଞ୍ଜୁରୀରୋଡ୍ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଚକ୍ରଧରଙ୍କ ସମ୍ପର୍କୀୟ ଅଭିମନ୍ୟୁ ମାଝୀ ଏହା ଏକ ହତ୍ୟାକାଣ୍ଡ କିମ୍ବା ଗାଡ଼ି ଧକ୍କାଜନିତ ଦୁର୍ଘଟଣା ନେଇ ଅଭିଯୋଗ କରିଛନ୍ତି। ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୧୮/୨୪) ରୁଜୁ କରିଛି।

# କ୍ରୀଡ଼ାରେ ଭାଗନେଲେ ୬୬୫ ପ୍ରତିଯୋଗୀ

ତିହିଡ଼ି,୧୦।୧୨(ସଞ୍ଜିତ ବଳ)

**ଖେଳକୁଦ ସମାରୋହ**

ତିହିଡ଼ିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୫ତମ ଖେଳକୁଦ ସମାରୋହ ୨ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ କାଳୀପଡ଼ିଆରେ ଅନୁଷ୍ଠିତ ସମାରୋହରେ ବିଭିନ୍ନ ବର୍ଗରେ ମୋଟ ୭୨ ପ୍ରକାର କ୍ରୀଡ଼ାରେ ୬୬୫ ପ୍ରତିଯୋଗୀ ଭାଗ ନେଇଥିଲେ। ବିଡିଓ ଜ୍ୟୋତିର୍ମୟ କର ମୁଖ୍ୟଅତିଥି ଭାବେ ଯୋଗଦେଇ ସମାରୋହକୁ ଉଦ୍‌ଘାଟନ କରିଥିଲେ। ପରେ ପରିଚାଳନା ସମିତିର ଉପସଭାପତି ମନୋଜ କୁମାର ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ବିଡିଓ ଯୋଗଦେଇ ଛାତ୍ରୀଛାତ୍ରଙ୍କ ବିକାଶର ଅନ୍ୟତମ ମାର୍ଗ କ୍ରୀଡ଼ା ପାଇଁ ସମସ୍ତ ସୁବିଧା ସୁଯୋଗ ସୃଷ୍ଟି କରିବା ଆବଶ୍ୟକ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ଗିରିଜା ରମଣ ଜେନା ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ରାଧାକୃଷ୍ଣ ସ ସ୍ୱାଗତ ଭାଷଣ ଏବଂ ଆଚାର୍ଯ୍ୟ ପ୍ରଶାନ୍ତ କୁମାର ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମାରୋହର ୨ୟ ଦିବସରେ ମୁଖ୍ୟଅତିଥି ଭାବେ ତିହିଡ଼ି ଥାନା ଆଇଆଇସି ପ୍ରସନ୍ନ କୁମାର ନାୟକ ଯୋଗଦେଇ ପିଲାମାନଙ୍କୁ ସଂସ୍କାରୀ କରିବାରେ ଶିଶୁମନ୍ଦିରର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବା କହିଥିଲେ। ମୁଖ୍ୟବକ୍ତା ଭାବେ ବାସୁଦେବପୁର ସଙ୍କୁଳ ପ୍ରମୁଖ କିଶୋର କୁମାର ନାୟକ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଆଚାର୍ଯ୍ୟ ସନ୍ତୋଷ କୁମାର ଜେନା ଅତିଥି ପରିଚୟ ଓ କୋଷାଧ୍ୟକ୍ଷ ଯଯାତି କେଶରୀ ଦାସ ଧନ୍ୟବାଦ ଦେଇଥିଲେ। ବିଦ୍ୟାମନ୍ଦିରର ଆଚାର୍ଯ୍ୟା ଆଚାର୍ଯ୍ୟ ଓ ପରିଚାଳନା ସମିତିର କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


ବିଡିଓ ଜ୍ୟୋତିର୍ମୟ କର ଖେଳକୁଦ ସମାରୋହକୁ ଉଦ୍‌ଘାଟନ କରୁଛନ୍ତି।

# ଶହୀଦପୀଠରୁ ମଶାଲ ଶୋଭାଯାତ୍ରା

**ତ୍ୟାଗଭୂମି ମହୋତ୍ସବ ଆରମ୍ଭ**

ଭଦ୍ରକ,୧୦।୧୨(ସନାତନ ରାଉତ)

ଭଦ୍ରକ ସହର ମଠସାହି ଗୋପାଳଜୀଉ ପଡ଼ିଆରେ ତ୍ୟାଗଭୂମି ମହୋତ୍ସବ-୨୦୨୪ ମଙ୍ଗଳବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ମହୋତ୍ସବ କମିଟି ସଭାପତି ଅଜୟ ନାୟକଙ୍କ ନେତୃତ୍ୱରେ ସକାଳେ ଭଦ୍ରକ ସହରରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଅପରାହ୍ନରେ ରକ୍ତତୀର୍ଥ ଇରମ ଓ ଶହୀଦପୀଠ ଲୁଣିଆରୁ ମଶାଲ ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ଶତାଧିକ ବୁଦ୍ଧିଜୀବୀ, ଛାତ୍ରୀଛାତ୍ର ଓ ଯୁବତୀ ଯୁବକ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଦେଶାତ୍ମବୋଧ ସଙ୍ଗୀତ ସହ ବିଭିନ୍ନ ପାରମ୍ପରିକ ବାଦ୍ୟରେ ମଶାଲ ଶୋଭାଯାତ୍ରା ଭଦ୍ରକ ସହର ପରିକ୍ରମା କରି ମହୋତ୍ସବ ସ୍ଥଳରେ ପହଞ୍ଚିଥିଲା।


ଭଦ୍ରକ ସହର ପରିକ୍ରମା କରୁଥିବା ଶୋଭାଯାତ୍ରାରେ ସାମିଲ ଯୁବତୀମାନେ।

ସନ୍ଧ୍ୟାରେ ଭଦ୍ରକ ଏସ୍‌ପି ମଡ଼କର ସନ୍ଦୀପ ସମ୍ପଦ ମୁଖ୍ୟଅତିଥି ଭାବେ ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିବା ସହ ଶହୀଦ ପୀଠରୁ ଆସିଥିବା ମଶାଲକୁ ଗ୍ରହଣ କରିଥିଲେ। ଭଦ୍ରକ ହେଉଛି ସଂଗ୍ରାମୀ ମାଟି। ସଂଗ୍ରାମୀମାନଙ୍କ ସମ୍ମାନାର୍ଥେ ଦୀର୍ଘ ୨୨ବର୍ଷ ଧରି ତ୍ୟାଗଭୂମି ମହୋତ୍ସବ ଅନୁଷ୍ଠିତ ହେଉଥିବା ଗୌରବର କଥା ବୋଲି ଏସ୍‌ପି କହିଥିଲେ। ତ୍ୟାଗଭୂମିର ସଭାପତି ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ମହୋତ୍ସବରେ ଅନ୍ୟତମ ଅତିଥି ଭାବେ ସାମାଜିକ କର୍ମୀ ଶେଖର ମହାପାତ୍ର, ତ୍ୟାଗଭୂମିର ସମ୍ପାଦକ ଆଇନଜୀବୀ ଗଦାଧର ବଳ, ରୂପକ ବିହାରୀ ରାୟ, ଇଂ. ଅମ୍ବିକା ବଲ୍ଲଭ ସ୍ୱାଇଁ, ଇଂ. ଅଖିଳ ମୋହନ ପାଢ଼ୀ ପ୍ରମୁଖ ଯୋଗଦେଇ ଭଦ୍ରକର ବରପୁତ୍ରମାନଙ୍କ ତ୍ୟାଗପୂତ ଜୀବନ ବିଷୟରେ ବକ୍ତବ୍ୟ ରଖିଥିଲେ। ଅଶୋକ ମହାନ୍ତି, ଅତୀଶ ବେହେରା, ଲଲାଟେନ୍ଦୁ ମହାନ୍ତି, ଦୁର୍ଯ୍ୟୋଧନ ଦାସ, ଗୋବର୍ଦ୍ଧନ ସାମଲ, ତ୍ରୈଲୋଚନ ବେହୁରିଆ, ଅମରେନ୍ଦ୍ର ବିଶ୍ୱାଳ, ପଙ୍କଜ ବଳ, ବିପ୍ଳବ ହୋତା, ବାବୁଲାଲ ଦାସ, ଶାନ୍ତନୁ ରାଉତ, ସୁଧାକର ରାଉତ, ଗୟାଧର ପଣ୍ଡା, ଅଶୋକ ଦ୍ୱିବେଦୀ, ଅଧିବକ୍ତା ସଞ୍ଜୟ ମାଝୀ, ଦୀପକ ସାହୁ, ମନୋରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ବିଦ୍ୟୁତ୍ ଆଘାତରେ କର୍ମଚାରୀଙ୍କ ଜୀବନ ଗଲା

ନୀଳଗିରି,(ପ୍ରଶାନ୍ତ ବିଶ୍ୱାଳ)- ବରହମପୁର ବିଦ୍ୟୁତ୍ ବିଭାଗ ଭାଲୁକାଶୁଣୀ ଷ୍ଟକରର ଅଧୀନରେ ଥିବା ଟିୟାକଟା ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରେ ଉଠା ଜଳସେଚନ ପମ୍ପରେ ମରାମତି କରୁଥିବା ବେଳେ ବିଦ୍ୟୁତ୍ ଆଘାତରେ ଜଣେ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ନରସିପୁର ଗ୍ରାମର କାର୍ତ୍ତିକ ସାହୁ (୨୪)। ସେ ସଟଡାଉନ୍ ନେଇ କାମ କରୁଥିବା ବେଳେ ହଠାତ୍ ବିଦ୍ୟୁତ୍ ଚାର୍ଜ ହୋଇଯାଇଥିଲା। ସଙ୍ଗେସଙ୍ଗେ ସାଥୀ କର୍ମଚାରୀମାନେ କାର୍ତ୍ତିକଙ୍କୁ ନୀଳଗିରି ମେଡିକାଲ ଆଣିଥିଲେ। ଅବସ୍ଥା ସଙ୍କଟାପନ ହେବାରୁ କଟକ ସ୍ଥାନାନ୍ତର ବେଳେ ରାସ୍ତାରେ ତାଙ୍କର ମୃତ୍ୟୁ ହୋଇଥିଲା।

# ନାଲି ପତାକା ଲଗାଇଲା ପ୍ରଶାସନ

ନୀଳଗିରି,୧୦।୧୨(ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲ୍ଲା ନୀଳଗିରି ଉପଖଣ୍ଡ ଅଧୀନ କୁଲଡ଼ିହା ଇକୋ ସେନସିଟିଭ୍ ଜୋନ୍ (ଜୈବ ସମ୍ବେଦନଶୀଳ ଅଞ୍ଚଳ) ଭିତରେ ଓ ବାହାରେ ଏକାଧିକ ବେଆଇନ ଚିମିନି ମାଟି ଇଟାଭାଟି ଚାଲିଛି। ୧୩ ଟି ବେଆଇନ ଇଟା ଭାଟି ଏହି ଜୋନ୍ ଭିତରେ ଚାଲିଛି। ଦିନରାତି ଚାଲୁଥିବା ଚିମିନି ଇଟା ଭାଟିରୁ ବାହାରୁଥିବା ଏକାଧିକ ଲୋଡେଡ ଧୂଆଁରେ ପ୍ରଦୂଷଣ ଯୋଗୁ କୁଲଡ଼ିହା ଅଭୟାରଣ୍ୟର ଜୀବଜନ୍ତୁ ଓ ଜଙ୍ଗଲ ପ୍ରତି ଘୋର ବିପଦ ସୃଷ୍ଟି ହେଉଛି। ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଥିବା ଏହି ବେଆଇନ ଇଟାଭାଟିକୁ ଉଚ୍ଛେଦ କରିବାକୁ ନେଇ ହାଇକୋର୍ଟଙ୍କ ନିର୍ଦ୍ଦେଶ ଓ ଜିଲାପାଳଙ୍କ ଆଦେଶକୁ ଭିତ୍ତିକରି ମଙ୍ଗଳବାର ପ୍ରଶାସନର ୬ଟି ବିଭାଗ ପକ୍ଷରୁ ନୀଳଗିରି ଉପ-ଜିଲାପାଳ ଶୁଭଶ୍ରୀ ରଥ ଏବଂ ତହସିଲଦାର ଆଇଏଏସ୍ ଦୁଧାଲ ଅଭିଷେକ ଦିଲୀପଙ୍କ ନେତୃତ୍ୱରେ ୧ ପ୍ଲାଟୁନ ପୋଲିସ ଫୋର୍ସ, ପଲ୍ୟୁସନ କଣ୍ଟ୍ରୋଲ ବୋର୍ଡର ଅଧିକାରୀ, ମାଇନିଙ୍ଗ ଅଫିସର, ଶ୍ରମ ଅଧିକାରୀ ପ୍ରମୁଖ ସନ୍ତରାଗଡ଼ିଆ ଅଞ୍ଚଳରେ ଚଢ଼ାଉ କରିଥିଲେ। ପ୍ରତିବର୍ଷ ଭଳି ଚଳିତବର୍ଷ ଇଟା ଗଢ଼ିବା ପାଇଁ ମାଟି କାଟିବା ଆରମ୍ଭ ହୋଇଥିବା ବେଳେ ନୀଳଗିରି-ସନ୍ତରାଗଡ଼ିଆ ଅଞ୍ଚଳରେ ୧୩ଟି ଇଟାଭାଟି ଇକୋ ସେନ୍ସିଟିଭ୍ ଜୋନ୍ ମଧ୍ୟରେ ଥିବାରୁ ପ୍ରଶାସନ ଉକ୍ତ ଇଟାଭାଟିଗୁଡ଼ିକରେ ନାଲି ପତାକା ଲଗାଇବା ସହିତ ୧୬୩ ଧାରା ୬୦ ଦିନ ପାଇଁ ଲାଗୁ କରିଛି। ବେଆଇନ ଇଟାଭାଟିକୁ ସିଲ୍ କରାଯାଇଛି।

ସୂଚନା ଯୋଗ୍ୟ, ନୀଳଗିରି ଉପଖଣ୍ଡ ଅଧୀନରେ ଏକମାତ୍ର ଅଭୟାରଣ୍ୟ କୁଲଡ଼ିହା ଜଙ୍ଗଲ ୨୭୨.୭୫ ବର୍ଗ କିମି ପରିବ୍ୟାପ୍ତ। ବନ୍ୟଜନ୍ତୁ ଏବଂ ଅଭୟାରଣ୍ୟର ସୁରକ୍ଷା ଉଦ୍ଦେଶ୍ୟରେ କେନ୍ଦ୍ର ପରିବେଶ ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ୨୦୧୭ରେ ବିଜ୍ଞପ୍ତି ପ୍ରକାଶ ପାଇବା ସହ ଏଥିରେ ମୋଟ ୨୧୯.୧୮ବର୍ଗ କିମି ଅଞ୍ଚଳ କୁଲଡ଼ିହା ଇକୋ ସେନସିଟିଭ ଜୋନରେ ଅନ୍ତର୍ଭୁକ୍ତ କରାଯାଇଥିଲା। ପରେ କୁଲଡ଼ିହା ଇକୋ ସେନ୍ସିଟିଭ ଜୋନ୍ ଓ ଅଭୟାରଣ୍ୟ ସୀମାରେ ହୋଇଥିବା ଏହି ଚିମିନିଭାଟି ବିଷୟରେ ବନବିଭାଗ ଜାଣିବାକୁ ପାଇଥିଲା। ଏହି ଟିମ୍‌ରେ ଉପ-ଜିଲାପାଳ ରଥ, ନୀଳଗିରି ତହସିଲଦାର ସୋମନ ଦାସ, ସହକାରୀ ଜିଲାପାଳ ଈଶ୍ୱରଚନ୍ଦ୍ର ରଣା ଓ ରଞ୍ଜନ ସେନାପତି, ଏସିଏଫ୍ ରାମଚନ୍ଦ୍ର ମୁର୍ମୁ, ଭଦ୍ରକ ମାଇନ୍ସ ବିଭାଗର ଡେପୁଟି ଡାଇରେକ୍ଟର, ପଲ୍ୟୁସନ କଣ୍ଟ୍ରୋଲ ବୋର୍ଡର ଅଧିକାରୀ, ନୀଳଗିରି ସହକାରୀ ଶ୍ରମ ଅଧିକାରୀ ଶ୍ରୀହରି ସାମଲ, ଏସ୍‌ଡିପିଓ ସରୋଜ ଉପାଧ୍ୟାୟ, ଆଇଆଇସି ଗୋପାଳଚନ୍ଦ୍ର କର୍ଣ୍ଣ, କୁଲଡ଼ିହା ରେଞ୍ଜର ପ୍ରବିର ମୁର୍ମୁ ଉପସ୍ଥିତ ଥିଲେ।

**ଇକୋ ସେନ୍ସିଟିଭ୍ ଜୋନ୍‌ରେ ବେଆଇନ ଇଟାଭାଟି**


ଚଢ଼ାଉରେ ସାମିଲ ହୋଇଥିବା ପ୍ରଶାସନିକ ଅଧିକାରୀମାନେ।

# ୮୦ ଲକ୍ଷ ଟଙ୍କାର ଅଳଙ୍କାର ଜବତ

ଖଇରା,୧୦।୧୨(ଉତ୍କଳବନ୍ଧୁ ପଣ୍ଡା)

**ବେଙ୍ଗାଲୁରୁ ଲୁଟ୍ ଘଟଣାରେ ଜଣେ ଗିରଫ**

ବେଙ୍ଗାଲୁରୁରେ କାମ କରୁଥିବା ବେଳେ ମାଲିକଙ୍କ ଘରୁ ଲୁଟ କରି ଘରକୁ ପଳାଇ ଆସିଥିବା ଜଣେ ଯୁବକଙ୍କୁ ଖଇରା ପୋଲିସ ଗିରଫ କରିବା ସହ ମଙ୍ଗଳବାର କୋର୍ଟଚାଲାଣ କରିଛି। ତାଙ୍କ ନିକଟରୁ ୮୦ ଲକ୍ଷରୁ ଊର୍ଦ୍ଧ୍ୱ ମୂଲ୍ୟର ହିରା, ସୁନା ଅଳଙ୍କାର ଜବତ କରାଯାଇଛି। ଖଇରା ବଜାରରେ ଅଳଙ୍କାର ବିକ୍ରି କରିବା ସମୟରେ ପୋଲିସ ହାତରେ ସେ ଧରା ପଡ଼ିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ସାରକୋଣା ଗ୍ରାମର ବନମାଳି ସ୍ୱାଇଁ । ଖଇରା ପୋଲିସ ତାଙ୍କ ନିକଟରୁ ହିରା ମୁଦି, ସୁନା ଏବଂ ହିରା ଖଞ୍ଜିତ ବ୍ରେସଲେଟ, ଦୁଇଟି ସୁନା ଚେନ, ସୁନା ମୁଦି, ସୁନା ଲକେଟ, ୫ଟି ସୁନା କାନଫୁଲ ଓ ଅନ୍ୟାନ୍ୟ ଗହଣା ଜବତ କରିଛି । ବନମାଳି ଚୋରି କରି ଘରକୁ ଫେରି ଖଇରା ବଜାରରେ ଥିବା ଏକ ଜୁଏଲେରି ଦୋକାନକୁ ଚୋରି ଅଳଙ୍କାର ବିକ୍ରି କରିବାକୁ ଯାଇଥିଲେ। ତାଙ୍କ ନିକଟରେ ଏପରି ଦାମ ଅଳଙ୍କାର ଦେଖି ଜୁଏଲେରି ମାଲିକଙ୍କର ସନ୍ଦେହ ହୋଇଥିଲା। ଏନେଇ ସେ ପରିଚୟ ମାଗିବାରୁ ବନମାଳି ସେଠାରୁ ଦୌଡି ପଳାଇଥିଲେ। ପରେ ଜୁଏଲେରି ମାଲିକ ଖଇରା ପୋଲିସକୁ ଜଣାଇଲେ। ଥାନା ଅଧିକାରୀଣୀ ମୌସୁମୀ ମହାନ୍ତି ସିସିଟିଭି ଫୁଟେଜ ଆଧାରରେ ବନମାଳିଙ୍କୁ ଗିରଫ କରି ରଖି ପଚରା ଉଚୁରା କରିଥିଲେ। ବେଙ୍ଗାଲୁରୁରେ ପଦ୍ମା ରେଡି ନାମକ ଜଣେ ମହିଳାଙ୍କ ଘରେ କାମ କରୁଥିବା ବେଳେ ତାଙ୍କ ଘରୁ ସମସ୍ତ ଅଳଙ୍କାର ଚୋରି କରିଥିବା ନେଇ ବନମାଳି ପୋଲିସ ନିକଟରେ ପ୍ରକାଶ କରିଛନ୍ତି।


ଗିରଫ ବନମାଳୀ ସ୍ୱାଇଁ।

# ‘ଗଣମାଧ୍ୟମ ଗଣତନ୍ତ୍ରକୁ ସୁରକ୍ଷିତ ରଖେ’

ବାଲେଶ୍ୱର,୧୦।୧୨(ବାଞ୍ଛାନିଧି ଦେ)

**ନର୍ଥ ଓଡ଼ିଶା ମିଡିଆ କ୍ଲବ୍‌ର ବାର୍ଷିକ ଉତ୍ସବ**

ବାଲେଶ୍ୱର ଷ୍ଟେଶନ କ୍ଲବ ପରିସରରେ ନର୍ଥ ଓଡ଼ିଶା ମିଡିଆ କ୍ଲବର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କବି ଉତ୍ପଳ ମହାନ୍ତି ଏହି ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ସରକାରୀ ଦଳ ଉପ-ମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ସମ୍ମାନିତ ଅତିଥି ବାଲେଶ୍ୱର ବିଧାୟକ ମାନସ କୁମାର ଦତ୍ତ, ଜିଲାପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ବ୍ରିଟ୍ ଅଧ୍ୟକ୍ଷ ଆଲୋକ ସାହୁ, ପୌରାଧ୍ୟକ୍ଷା ସବିତା ସାହୁ, ଫକୀରମୋହନ ସାହିତ୍ୟ ପରିଷଦର ସଭାପତି ଡ. ସୁବାସ ଚନ୍ଦ୍ର ପାତ୍ର, କବି ପ୍ରଶାନ୍ତ ଦାସ, ନାରୀ ସଂଘ ସଭାପତି ଗୋପାମୁଦ୍ରା ମହାପାତ୍ର ଓ ଭାଜପା ଯୁବନେତା ସତ୍ୟଶିବ ସୁନ୍ଦର ଦାଶ ପ୍ରମୁଖ ଯୋଗଦେଇ ଗଣତନ୍ତ୍ରକୁ ସୁରକ୍ଷିତ ରଖିବା ପାଇଁ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ। ସତ୍ୟ, ନିର୍ଭୀକ ଓ ନିରପେକ୍ଷ ଖବର ପରିବେଷଣ ଦ୍ୱାରା ଜନସାଧାରଣଙ୍କୁ ପ୍ରକୃତ ନ୍ୟାୟ ମିଳିଥାଏ ବୋଲି ବକ୍ତବ୍ୟରେ କହିଥିଲେ।

କ୍ଲବର ଚେୟାରମ୍ୟାନ୍ ଅମୀୟ ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ବାଲେଶ୍ୱରର ୯ ଜଣ ପ୍ରତିଭାଙ୍କ ସମେତ ୪ ଜଣ ବରିଷ୍ଠ ଆଇନଜୀବୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ମାନପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ।

# ସଚେତନତା ଶୋଭାଯାତ୍ରାରେ ସାମିଲ ହେଲେ ଛାତ୍ରୀଛାତ୍ର



ଛାତ୍ରୀଛାତ୍ରମାନେ ଶୋଭାଯାତ୍ରାରେ ଯାଉଛନ୍ତି।

ଭୋଗରାଇ,୧୦।୧୨(ପ୍ରଦୀପ ଦାସ)

**ଆନ୍ତର୍ଜାତିକ ମାନବିକ ଅଧିକାର ଦିବସ ସେମିନାର**

ଭାରତୀୟ ସମ୍ବିଧାନରେ ମୌଳିକ ଅଧିକାର ଓ ସୂଚନା ଆଇନ ଅଧିକାର ପରସ୍ପର ପରିପୂରକ। ମାନବିକ ଅଧିକାର ମଣିଷ ମଧ୍ୟରେ ଲୁକ୍କାୟିତ ଥିବା ବ୍ୟକ୍ତି ବିକାଶକୁ ପରିପ୍ରକାଶ କରି ମର୍ଯ୍ୟାଦାପୂର୍ଣ୍ଣ ବଞ୍ଚିବାର ଲଢେଇ ମାନବିକ ଅଧିକାରକୁ ସାବ୍ୟସ୍ତ କରିଥାଏ ବୋଲି ଭୋଗରାଇ ବ୍ଲକ ଅଧୀନ ଆରଆଇଏସ୍‌ଏସ୍ ମହାବିଦ୍ୟାଳୟ ଅଡିଟୋରିୟମ ଗୃହରେ ମଙ୍ଗଳବାର ରାଜ୍ୟ ସ୍କାଉଟ ଓ ଗାଇଡ ପକ୍ଷରୁ ଆୟୋଜିତ ଆନ୍ତର୍ଜାତିକ ମାନବିକ ଅଧିକାର ଦିବସ ସେମିନାରରେ ବିଶିଷ୍ଟ ଅତିଥିମାନେ ମତ ପ୍ରକାଶ କରିଛନ୍ତି। ମହାବିଦ୍ୟାଳୟର ଅଧ୍ୟକ୍ଷ କେଦାର ସିଂ ଦାସଙ୍କ ପୌରହିତ୍ୟରେ ଏହି ସେମିନାର ପରିଚାଳିତ ହୋଇଥିଲା। ମହାବିଦ୍ୟାଳୟର ଅଧ୍ୟାପକ ତଥା ରୋଭର ସ୍କାଉଟ ଲିଡର ଡ. ଧୀରେନ୍ଦ୍ର କୁମାର ଜେନା ସେମିନାରର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ମତ ପ୍ରକାଶ କରିଥିଲେ। ମୁଖ୍ୟ ଅତିଥିଭାବେ ରାଜ୍ୟ ସୂଚନା ଅଧିକାର ଅଭିଯାନର ଆବାହକ ପ୍ରଦୀପ କୁମାର ପ୍ରଧାନ, ମୁଖ୍ୟ ବ୍ୟକ୍ତା ହାଇକୋର୍ଟର ବରିଷ୍ଠ ଆଡଭୋକେଟ କ୍ଷୀରୋଦ ରାଉତ, ସମ୍ମାନିତ ଅତିଥି ସୂଚନା ଅଧିକାର ଅଭିଯାନର ମୟୂରଭଞ୍ଜ ଜିଲା ଆବାହକ ସନ୍ତୋଷ କୁମାର ମାହାନ୍ତି, କଲେଜର ପ୍ରଶାସନିକ ଅଧିକାରୀ ଅଧ୍ୟାପକ ଜଗଦୀଶ ଚନ୍ଦ୍ର ଗିରି, ସୂଚନାଧିକାର ବରିଷ୍ଠ ସଦସ୍ୟ ମହେଶ୍ୱର ମାହାନ୍ତି, ଅଶୋକ କୁମାର ଦତ୍ତ, ସ୍କାଉଟ ଓ ଗାଇଡର ଲିଡର ଅଧ୍ୟାପକ ସତ୍ୟଜିତ ମଲ୍ଲିକ ପ୍ରମୁଖ ଯୋଗଦେଇ ଭାରତୀୟ ଗଣତନ୍ତ୍ରରେ ମାନବିକ ସୂଚନା ଅଧିକାର ସାର୍ବଜନୀନ, ଧର୍ମ ନିରପେକ୍ଷ, ଜାତି, ବର୍ଣ୍ଣ ଓ ସାମଗ୍ରିକ ମଙ୍ଗଳ ପାଇଁ ବ୍ୟକ୍ତିତ୍ୱର ବିକାଶକୁ ପ୍ରାଧାନ୍ୟ ଓ ସୁରକ୍ଷିତ ଦେଇଥାଏ ବୋଲି ମତ ପ୍ରକାଶ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ସହସ୍ରାଧିକ ଛାତ୍ରୀଛାତ୍ର ଏକ ସଚେତନତା ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ରେଞ୍ଜର ଲିଡର ଅଧ୍ୟାପିକା ପ୍ରୀତିରାଣୀ ସେଠୀ ଧନ୍ୟବାଦ ଦେଇଥିଲେ । ପରେ ସ୍କାଉଟ ଓ ଗାଇଡ୍ ପକ୍ଷରୁ ମାନବ ଅଧିକାର ସୁରକ୍ଷା ପାଇଁ ଏକ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା

ବାହାନଗା,୧୦।୧୨(ଅରୂପ୍ କୁମାର ଦାସ)

ବାହାନଗା ବ୍ଲକ ଗୋପାଳପୁର ପଞ୍ଚାୟତର ଜାଗେଶ୍ୱପଦାଠାରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ତ୍ରୟୋଦଶତମ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ ହୋଇଛି। ପରିଚାଳନା କମିଟି ସମ୍ପାଦକ ଅଧ୍ୟାପକ ମହେଶ୍ୱର ଉପାଧ୍ୟାୟ ଏହାକୁ ଉଦ୍‌ଘାଟନ କରି କ୍ରୀଡ଼ା ମାଧ୍ୟମରେ ଶିଶୁମାନେ କିପରି ସୁସ୍ଥ ରହିବେ ସେ ବିଷୟରେ ମାର୍ଗଦର୍ଶନ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପରିଚାଳନା କମିଟିର ଉପସଭାପତି ସଞ୍ଜୀବ କୁମାର ତ୍ରିପାଠୀ, ପୂର୍ବତନ ପରିଚାଳନା କମିଟିର କୋଷାଧ୍ୟକ୍ଷ କାଶିନାଥ ନାୟକ, ପରିଚାଳନା ସମିତିର ସଦସ୍ୟା ଗୀତାଞ୍ଜଳି ବିନ୍ଧାଣି ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ କୃଷ୍ଣଚନ୍ଦ୍ର ପାଢ଼ୀ ଅତିଥି ପରିଚୟ ପ୍ରଦାନ ଓ ଆଚାର୍ଯ୍ୟ ବିନୋଦ କୁମାର ନାୟକ ଧନ୍ୟବାଦ ଦେଇଥିଲେ। କ୍ରୀଡ଼ା ଶିକ୍ଷକ ଦିନବନ୍ଧୁ ସେଠୀ ଖେଳ ପରିଚାଳନା କରିଥିଲେ। ଆଚାର୍ଯ୍ୟ ପ୍ରତିନିଧି ସୁରଭୀ ଅଗସ୍ତି, ଆଚାର୍ଯ୍ୟା ବିମଳା ମାଝୀ, ଆଚାର୍ଯ୍ୟ ସୁଦର୍ଶନ ମହାଳିକ, ସୁଜାତା ପାଣିଗ୍ରାହୀ, ତାପସ କୁମାର ପଣ୍ଡା, ରମାକାନ୍ତ ସାହୁଙ୍କ ସମେତ ଶିଶୁ ମନ୍ଦିରର ସମସ୍ତ ଗୁରୁମା, ଗୁରୁଜୀ ପରିଚାଳନାରେ ସହଯୋଗ କରିଥିଲେ।

# ୨୬ରୁ ଓଡ଼ିଶା ରିସର୍ଚ୍ଚ କନ୍‌କ୍ଲେଭ-୨୦୨୪


ପ୍ରସ୍ତୁତି ବୈଠକରେ କୁଳପତି ଓ ଅନ୍ୟମାନେ।

ବାଲେଶ୍ୱର,୧୦।୧୨(ବାଞ୍ଛାନିଧି ଦେ)

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟରେ ରାଜ୍ୟ ସରକାର ଓ ଓଡ଼ିଶା ଉଚ୍ଚଶିକ୍ଷା ପରିଷଦର ମିଳିତ ସହଯୋଗରେ ଆସନ୍ତା ୨୬ରୁ ୨୮ ତାରିଖ ପର୍ଯ୍ୟନ୍ତ ତ୍ରିଦିବସୀୟ ‘ଓଡ଼ିଶା ରିସର୍ଚ୍ଚ କନକ୍ଲେଭ-୨୦୨୪’ ଅନୁଷ୍ଠିତ ହେବ। ବିଭିନ୍ନ କ୍ଷେତ୍ରର ବିଶେଷଜ୍ଞ, ଅନୁସନ୍ଧାନକାରୀ, ଶିଳ୍ପପତି ଓ ଶିକ୍ଷାନୁଷ୍ଠାନର ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ମଧ୍ୟରେ ଏକ ଅଭିନବ ଅନୁସନ୍ଧାନ ଆଲୋଚନା ଏବଂ ସହଯୋଗ ପାଇଁ ଏକ ପ୍ଲାଟଫର୍ମ ପ୍ରଦାନ ଏହାର ଲକ୍ଷ୍ୟ।

ଏହି ଅବସରରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। କନକ୍ଲେଭ୍‌ର ସୁପରିଚାଳନା ନିମନ୍ତେ ବିଶ୍ୱବିଦ୍ୟାଳୟର ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀଙ୍କୁ ନେଇ ଗଠିତ ୨୫ଟି କମିଟିର ସଂଯୋଜକଙ୍କଠାରୁ କୁଳପତି କାର୍ଯ୍ୟକ୍ରମର ଅଗ୍ରଗତିର ସମସ୍ତ ତଥ୍ୟ ସଂଗ୍ରହ କରିଥିଲେ।

# ଭଦ୍ରକକୁ ହରାଇ କଟକ ନିମପୁର ବିଜୟୀ

ସୋର,୧୦।୧୨(ଜନ୍ମେଜୟ ମିଶ୍ର)

**ବାବା ମୁକ୍ତେଶର ସର୍ବଭାରତୀୟ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ**

ସୋର ବ୍ଲକ ମହୁମୁହାଣ ପଞ୍ଚାୟତ ଗୁଠୁଣା ପଡ଼ିଆରେ ବାବା ମୁକ୍ତେଶର କ୍ରିକେଟ କ୍ଲବ ଆନୁକୂଲ୍ୟରେ ସପ୍ତମ ସର୍ବଭାରତୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟକୁ ୪୫ ନମ୍ବର ଜୋନର ଜିଲା ପରିଷଦ ସଦସ୍ୟ ଜୟରାମ ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମଙ୍ଗଳବାର ଉଦ୍‌ଘାଟନୀ ମ୍ୟାଚ ନିମପୁର, କଟକ ବନାମ ୟୁନିକ ଇଲେଭେନ, ଭଦ୍ରକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନିମପୁର, କଟକ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୮ ୱିକେଟ ହରାଇ ୧୫୨ ରନ ସଂଗ୍ରହ କରିଥିଲା। ଜବାବରେ ୟୁନିକ ଇଲେଭେନ, ଭଦ୍ରକ ୨୦ ଓଭରରେ ସମସ୍ତ ୱିକେଟ ହରାଇ ୧୪୭ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଅମିତ ସାହୁ ୨୧ ବଲ ଖେଳି ୨୮ ରନ କରିଥିଲେ। ନିମପୁର, କଟକର ବୋଲର ଆକାଶ ପ୍ରଧାନ ୪ ଓଭର ବୋଲିଂ କରି ୩୦ ରନ ଦେଇ ୪ ୱିକେଟ ନେଇଥିବାରୁ ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଶିଳ୍ପପତି ଗଜେନ୍ଦ୍ର ପ୍ରଧାନ ଯୋଗଦେଇ ଥିଲେ। ଏହି ମ୍ୟାଚକୁ ଓସିଏ ପ୍ୟାନେଲ ଅମ୍ପେୟାର ରାଜୀବ ପାତ୍ର ଏବଂ ଅଶ୍ୱିନୀ ସାମଲ ମ୍ୟାଚ ପରିଚାଳନା କରିଥିଲେ। ସ୍କୋରର ଭାବେ ନରେଶ ନାୟକ, ରାକେଶ ରାଉତ, ଦିବ୍ୟଜ୍ୟୋତି ନାୟକ ଏବଂ ସନ୍ତୋଷ ମହାନ୍ତି ଥିଲେ। ଭାଷ୍ୟକର ଭାବେ ଯଦୁନାଥ ନାୟକ ଏବଂ ରସିଦ ଖାନ କାର୍ଯ୍ୟ ତୁଲାଇ ଥିଲେ। ମୁକ୍ତେଶ୍ୱର କ୍ଲବର ସଦସ୍ୟ ସୁଶାନ୍ତ ସାହୁ, ବିଶ୍ୱରଞ୍ଜନ ପ୍ରଧାନ, ସୁରେନ୍ଦ୍ର ବେହେରା, ଗୋପୀନାଥ ପ୍ରଧାନ, ରମାକାନ୍ତ ବେହେରା, ହରିଶ୍ଚନ୍ଦ୍ର ଜେନା, ରଞ୍ଜନ ମହାନ୍ତି, କୈଳାଶ ପ୍ରଧାନ, ଶ୍ରୀକାନ୍ତ ସାହୁ ଏବଂ ଗଦାଧର ବିଶ୍ୱାଳ ପରିଚାଳନାରେ ସହଯୋଗ କରିଥିଲେ।

# ଗ୍ରାମଦେବୀଙ୍କ ପୀଠ ପ୍ରତିଷ୍ଠା, ଯଜ୍ଞୋତ୍ସବ

ଖଇରା,୧୦।୧୨(ଉତ୍କଳବନ୍ଧୁ ପଣ୍ଡା): ବାଲେଶ୍ୱର ଜିଲା ସାରକୋଣା ଗ୍ରାମ ପଞ୍ଚାୟତ ଅଧୀନ କେନ୍ଦୁଭଦଳୀ ଗ୍ରାମର ଆରାଧ୍ୟା ଦେବୀ ମା’ ଲାଙ୍ଗୁଡିଆଶୁଣିଙ୍କ ପୀଠ ପ୍ରତିଷ୍ଠା ଓ ଯଜ୍ଞୋତ୍ସବ ଗ୍ରାମବାସୀଙ୍କ ସହଯୋଗରେ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ସକାଳେ ନିର୍ମଳ ଚନ୍ଦ୍ର ଦାସ, ସୁକାନ୍ତି ଦାସ, ସୂର୍ଯ୍ୟକାନ୍ତ ଦାସ, ମାନସୀ ନାୟକ, ଚନ୍ଦ୍ରକାନ୍ତ ଦାସ, ପ୍ରତିମା ଧର, ଗଦାଧର ଦାସ, ବିମଳା ଦାସ, ଦାଶରଥି ମହାନ୍ତି, ତୁଳସୀ ମହାନ୍ତି, ସଞ୍ଜୟ ଦାସ, ସୁନିତା ଦାସ ପ୍ରମୁଖଙ୍କ ଦ୍ୱାରା ଘଟୋତ୍ତଳନ କରାଯାଇଥିଲା। ପ୍ରହଲ୍ଲାଦ ବେହେରା ମା’ଙ୍କର ପୂଜାର୍ଚ୍ଚନା କରିଥିବା ବେଳେ ନରସିଂହ ପାଣି, ଆନନ୍ଦ ପଣ୍ଡା ପ୍ରମୁଖ ଯଜ୍ଞ କର୍ମର ମୁଖ୍ୟ ପୁରୋଧା ଥିଲେ। ଏହି ଅବସରରେ ବୃଦ୍ଧାବୃଦ୍ଧ ଓ ଅସହାୟଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଥିଲା। ସଂଧ୍ୟାରେ ଭଜନ ସନ୍ଧ୍ୟା ଓ ରାତିରେ ପାଲା ପରିବେଷଣ କରାଯାଇଥିଲା।

# ଥଇଥାନ ଦାବିକଲେ ଦୋକାନୀ

ବାରିପଦା, ୧୦।୧୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଏମ୍‌ଡିଆର୍ ୭୦ ପୂର୍ତ୍ତ ବିଭାଗ ରାସ୍ତାର ବୈଁଶିଙ୍ଗାରୁ ମାଣତ୍ରୀ ପର୍ଯ୍ୟନ୍ତ ପ୍ରଶସ୍ତୀକରଣ କାର୍ଯ୍ୟ ପାଇଁ ଉଚ୍ଛେଦ ନୋଟିସ ଜାରି ହୋଇଛି। ବୈଁଶିଙ୍ଗା ବଜାର ଅଞ୍ଚଳର ୨୬ଟି ଦୋକାନ ଗୃହ ଉଚ୍ଛେଦ ଲାଗି ନୋଟିସ ଜାରି ସହ ଚିହ୍ନଟ କରାଯାଇଥିବାରୁ ଦୋକାନୀମାନେ ସ୍ୱତପ୍ରବୃତ୍ତ ଭାବେ ଉନ୍ନୟନ କାର୍ଯ୍ୟକୁ ସମ୍ମାନ ଜଣାଇ ସ୍ଥାନ ଛାଡ଼ି ଦେଇଛନ୍ତି। ୩୦ରୁ ୩୫ ବର୍ଷ ଧରି ଦୋକାନ କରି ପରିବାର ଗୁଜୁରାଣ ମେଣ୍ଟାଉଥିବା ବ୍ୟବସାୟୀଙ୍କୁ ଥଇଥାନ ପାଇଁ ଦାବି କରାଯାଇଛି। ବିସ୍ଥାପିତ ଦୋକାନୀଙ୍କ ଏକ ପ୍ରତିନିଧି ଦଳ ମଙ୍ଗଳବାର ବାରିପଦାରେ ଜିଲାପାଳଙ୍କୁ ଭେଟି ଥଇଥାନ ପାଇଁ ଗୁହାରି କରିଛନ୍ତି।

ଡ୍ରେନେଜ୍ ବ୍ୟବସ୍ଥା ଓ ରାସ୍ତା ନିର୍ମାଣ ପାଇଁ ଦୋକାନ ଗୃହ ଖାଲି ନ କଲେ ଭଙ୍ଗାଯିବ ବୋଲି ବେତନଟୀ ତହସିଲଦାର ନୋଟିସ କରିଥିଲେ। ଦୋକାନରୁ ଯାହା ରୋଜଗାର ହେଉଥିଲା, ସେଥିରେ ବ୍ୟବସାୟୀମାନେ ପରିବାର ପ୍ରତିପୋଷଣ କରୁଥିବାରୁ ଥଇଥାନ ନ କରି ଉଚ୍ଛେଦ ଦ୍ୱାରା ଜୀବନ ଜୀବିକା ଉପରେ ଆଘାତ ପହଞ୍ଚିଛି। ସମସ୍ୟାର ସମାଧାନ ପାଇଁ ଉଚ୍ଛେଦ ଦୋକାନୀଙ୍କ ଥଇଥାନ ନେଇ ବ୍ୟବସ୍ଥା କରାଯିବାକୁ ସେମାନେ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି। ପଞ୍ଚାୟତର ସରକାରୀ ଜାଗା ଥିବାବେଳେ ମାର୍କେଟ କମ୍ପ୍ଲେକ୍ସ ଗୃହ ନିର୍ମାଣ କରି ଦୋକାନୀମାନଙ୍କୁ ଥଇଥାନ କରାଯିବା ପାଇଁ ସୃଷ୍ଟିଧର ଦାସ, ସତ୍ୟବ୍ରତ ପଣ୍ଡା, ଲକ୍ଷ୍ମୀଧର ଦାସ, ଯୋଗେଶ୍ୱର ଦାସ, ଚକ୍ରଧର ସିଂ, ପ୍ରମୋଦ କୁମାର ଦାସ, ଶଶୀଧର ରଣା, ଅଜୟ ପାଣିଗ୍ରାହୀ ଓ କାର୍ତ୍ତିକ ଦାସଙ୍କ ସମେତ ବୈଁଶିଙ୍ଗା ବଜାର ବ୍ୟବସାୟୀ ସଂଘ, ସ୍ଥାନୀୟ ଅଞ୍ଚଳବାସୀ ଓ ବୁଦ୍ଧିଜୀବୀଙ୍କ ପକ୍ଷରୁ ଏକ ପ୍ରତିନିଧି ଦଳ ଦାବିପତ୍ର ପ୍ରଦାନ କରିଛନ୍ତି।

# ଡେଙ୍ଗୁ ଆକ୍ରାନ୍ତ ଯୁବ ସାମାଜିକ କର୍ମୀଙ୍କ ପରଲୋକ

ବାଲେଶ୍ୱର,୧୦।୧୨(ବାଞ୍ଛାନିଧି ଦେ)



ବାଲେଶ୍ୱର ସହଦେବ ଖୁଣ୍ଟା ଥାନା ଅନ୍ତର୍ଗତ ଭୀମପୁରା ଗ୍ରାମର ଯୁବ ସାମାଜିକ କର୍ମୀ ରାଜେଶ କୁମାର ଦତ୍ତ (୩୯)ଙ୍କର ମୃତ୍ୟୁ ଘଟିଛି। ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଡେଙ୍ଗୁ ଚିହ୍ନଟ ପରେ ତାଙ୍କୁ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ହେବା ପରେ ଶୋକର ଛାୟା ଖେଳିଯାଇଛି। ସୁଧାଂଶୁ ଶେଖର ଦତ୍ତଙ୍କର ସେ ଏକମାତ୍ର ପୁଅ ଓ ବାଲେଶ୍ୱର ମ୍ୟୁନିସିପାଲିଟି କାଉନ୍‌ସିଲର ମିତା ପଟ୍ଟନାୟକଙ୍କର ସାନଭାଇ ଅଟନ୍ତି। ସେ ଜଣେ ସାମାଜିକ କର୍ମୀ, ଅନୁଷ୍ଠାନ ପ୍ରେମୀ ଓ ପରୋପକାରୀ ଭାବେ ପରିଚିତ ଥିଲେ। ତାଙ୍କର ସ୍ତ୍ରୀ ମଧୁମିତାଙ୍କ ସହ ୧୩ ବର୍ଷର ଝିଅ ପ୍ରତ୍ୟାଶା ଓ ଜଣେ ଶିଶୁପୁତ୍ର ଅଛନ୍ତି। ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସାମାଜିକ କର୍ମୀ ରିତିକ୍ ଜୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଜନପ୍ରତିନିଧି ତାଙ୍କର ଶେଷ ଦର୍ଶନ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

# ୩ ବ୍ଲକରେ ଅଚଳାବସ୍ଥା

## ବଦଳି ହୋଇ ଚାଲିଗଲେ ବିଡିଓ

ଖଇରା,୧୦।୧୨(ଉତ୍କଳବନ୍ଧୁ ପଣ୍ଡା): ବାଲେଶ୍ୱର ଜିଲା ଖଇରା ବ୍ଲକ ଦାୟିତ୍ୱରେ ଏବଂ ଔପଦା ଓ ସିମୁଳିଆ ବ୍ଲକର ଅତିରିକ୍ତ ଦାୟିତ୍ୱରେ ଥିବା ବିଡିଓ ଅନନ୍ତ କୁମାର ହାଁସଦାଙ୍କ ରାସଗୋବିନ୍ଦପୁର ବ୍ଲକକୁ ବଦଳି ହୋଇଛି। ଫଳରେ ବାଲେଶ୍ୱର ଜିଲାର ଉପରୋକ୍ତ ୩ ବ୍ଲକ ମୁରବୀଶୂନ୍ୟ ହୋଇପଡ଼ିଛି। ବିକଳ୍ପ ବ୍ୟବସ୍ଥା ନ କରି ସରକାରଙ୍କ ତାଗିଦ୍ ଯୋଗୁ ତାଙ୍କୁ ଏଭଳି ରାତିଅଧିଆ ରିଲିଭ୍ କରିଦିଆଯିବାରୁ ୩ ବ୍ଲକବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବିଡିଓ ହାଁସଦା ୨୦୨୩ ଅକ୍ଟୋବର ମାସରେ କାର୍ଯ୍ୟରେ ଯୋଗ ଦେଇଥିଲେ। ସେପ୍ଟେମ୍ବର ୨୦୨୪ରେ ତାଙ୍କର ରାସଗୋବିନ୍ଦପୁର ବ୍ଲକକୁ ବଦଳି ହୋଇଥିଲା। ସେତେବେଳେ ସେ ଖଇରା ଓ ଔପଦା ବ୍ଲକ ଦାୟିତ୍ୱରେ ଥିବାରୁ ଜିଲାପାଳ ତାଙ୍କୁ ରିଲିଭ୍ କରି ନ ଥିଲେ। ହେଲେ କିଛିଦିନ ତଳେ ସରକାର ବଦଳି ପରେ ଜାଗା ଛାଡ଼ିବାକୁ ନେଇ ଚରମବାଣୀ ଶୁଣାଇବା ପରେ ବିଡିଓଙ୍କୁ ରିଲିଭ କରାଯାଇଛି। ଅନ୍ୟ ବିଡିଓଙ୍କୁ ନିଯୁକ୍ତି ନ ଦେଇ ରାଜ୍ୟ ସରକାରଙ୍କ ଏଭଳି ନୀତି ଆଗାମି ଦିନରେ ବୁମେରାଂ ହେବ ବୋଲି କଂଗ୍ରେସ ବିଧାୟକ ପ୍ରାର୍ଥୀ ହିମାଂଶୁ ଶେଖର ବେହେରା କହିଛନ୍ତ। ତୁରନ୍ତ ସରକାର ଖାଲିଥିବା ବିଡିଓ ପଦବୀ ପୂରଣ ପାଇଁ ଖଇରା ବ୍ଲକର ୩୭ ପଞ୍ଚାୟତର ଲୋକପ୍ରତିନିଧି, ଜନସାଧାରଣ, ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ଦାବି ହୋଇଛି।

# ବାଲେଶ୍ୱରକୁ ହରାଇ ବାରିପଦା ଫାଇନାଲରେ

**ରାଜ୍ୟସ୍ତରୀୟ ରତିକାନ୍ତ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ**

ଉଦଳା,୧୦।୧୨(ସନ୍ତୋଷ କୁମାର ବାଛିନୀ)

ଉଦଳା ହାଇସ୍କୁଲ ପଡ଼ିଆରେ ଚାଲିଥିବା ରାଜ୍ୟସ୍ତରୀୟ ରତିକାନ୍ତ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ବାଲେଶ୍ୱର ମର୍ନିଂଷ୍ଟାର କ୍ଲବ୍‌କୁ ହରାଇ ବାରିପଦା ଡିଆର୍‌କେ ଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ଟସ୍ ଜିତି ଡିଆର୍‌କେ ବ୍ୟାଟିଂ କରି ସମସ୍ତ ଉଇକେଟ ହରାଇ ୧୪୨ ରନ୍ କରିଥିଲା। ଦଳ ପକ୍ଷରୁ ଏମ୍. ବାଳକୃଷ୍ଣ ସର୍ବାଧିକ ୩୮ ରନ୍ କରିଥିବା ବେଳେ ସୁବ୍ରତ ସିଂ ୩୧ ରନ୍ କରିଥିଲେ। ମର୍ନିଂଷ୍ଟାର କ୍ଲବ୍ ୨୪.୩ ଓଭରରେ ୧୧୯ ରନ୍ କରି ଅଲ୍‌ଆଉଟ ହୋଇଯାଇଥିଲା। ଡିଆର୍‌କେ ପକ୍ଷରୁ ହୀରକ ସିଂ ସର୍ବାଧିକ ୪ ଉଇକେଟ ନେଇ ବିଜେତା ଖେଳାଳି ଭାବେ ମ୍ୟାନ୍ ଅଫ୍ ଦ ମ୍ୟାଚ୍ ବିବେଚିତ ହୋଇଥିଲେ। ଓସିଏ ସ୍ୱୀକୃତିପ୍ରାପ୍ତ ଆମ୍ପାୟାର ଲଲାଟ କେଶରୀ ନନ୍ଦ ଓ ରଞ୍ଜନ ମହାନ୍ତି ପରିଚାଳନା କରିଥିଲେ। ଉଦଳା କ୍ରିକେଟ ଆସୋସିଏଶନ ଦ୍ୱାରା ଆୟୋଜିତ ଏହି ଟୁର୍ନାମେଣ୍ଟକୁ ସଭାପତି ପ୍ରଦୀପ ପରିଡ଼ା, ସମ୍ପାଦକ ରାଜୀବ ଭୋଳ, କାଜଲ ବେହେରା, ଚନ୍ଦନ ଦୀକ୍ଷିତ, ଡିକେଏନ୍ସ ବେହେରା, ଅମିତ ବେହେରା, କରୁଣାକର ଦେହୁରୀ ପ୍ରମୁଖ ପରିଚାଳନା କରିଥିଲେ। ଅମିୟ ବଳ, ସତ୍ୟ ପାଢ଼ୀ, ଅରୁଣ ବାରିକ, ପ୍ରଶାନ୍ତ ତ୍ରିପାଠୀ, ସୌଭାଗ୍ୟ ସାହୁ, ହିମାଦ୍ରୀ ଶେଖର ପାଲ ପ୍ରମୁଖ ବରିଷ୍ଠ ଖେଳାଳି ସାମିଲ ଥିଲେ।

# ‘ବାଲେଶ୍ୱରକୁ ମହାନଗର ନିଗମ କରାଯାଉ’

ବାଲେଶ୍ୱର,୧୦।୧୨(ବାଞ୍ଛାନିଧି ଦେ)

**ବିଧାନସଭାରେ ଦାବି ଉଠାଇଲେ ବିଧାୟକ ମାନସ ଦତ୍ତ**

ରାଜ୍ୟର ସର୍ବପୁରାତନ ପୌରପାଳିକା ହେଉଛି ବାଲେଶ୍ୱର। ଜନସଂଖ୍ୟା ୨ଲକ୍ଷକୁ ଟପିଲାଣି। ପୌରାପାଳିକାର ସୀମା ୩୧ଟି ୱାର୍ଡମଧ୍ୟରେ ସୀମିତ ଥିଲେ ବିସହରାଞ୍ଚଳର ଦ୍ରୁତ ଅଭିବୃଦ୍ଧି ଘଟିଛି। ପୌରାଞ୍ଚଳ ସଂଲଗ୍ନ ଅଞ୍ଚଳରେ ବସବାସ କରୁଥିବା ଲୋକେ ନାମକୁ ମାତ୍ର ପଞ୍ଚାୟତରେ ରହୁଥିଲେ ବି ସହରର ସମସ୍ତ ସୁବିଧା ସୁଯୋଗ ପାଉଛନ୍ତି। ମାତ୍ର ପୌରାଞ୍ଚଳର କ୍ଷେତ୍ରଫଳ ବଢ଼ୁ ନ ଥିବାରୁ ସଂଖ୍ୟାଧିକ ସରକାରୀ ଯୋଜନା କାର୍ଯ୍ୟକାରୀ ହେବାରେ ସମସ୍ୟା ସୃଷ୍ଟି ହେଉଛି। ଏହାକୁ ଦୃଷ୍ଟିରେ ରଖି ନୂତନ ଭାବେ ପୌରାଞ୍ଚଳର ସୀମା ନିର୍ଦ୍ଧାରଣ ସହ ବାଲେଶ୍ୱରକୁ ମହାନଗର ନିଗମରେ ରୂପାନ୍ତରିତ କରିବା ପାଇଁ ସାଧାରଣରେ ବାରମ୍ବାର ଦାବି ହୋଇଆସିଛି। ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ ସହିତ ତ୍ୱରିତ୍ ପଦକ୍ଷେପ ପାଇଁ ବିଧାୟକ ମାନସ କୁମାର ଦତ୍ତ ବିଧାନସଭାର ଶୂନ୍ୟକାଳରେ ଏହି ଦାବି ଉପସ୍ଥାପନ କରିଛନ୍ତି।

ସେ କହିଛନ୍ତି ଯେ, ଅନେକ ଥର ଏ ନେଇ ପ୍ରତିଶ୍ରୁତି ମିଳିଥିଲେ ବି ତାହା ବାସ୍ତବ ରୂପ ନେବାରେ ବିଫଳ ହୋଇଛି। ପୂର୍ବରୁ ରାଜ୍ୟ ସରକାର ଏକାଧିକ ସହରକୁ ମହାନଗର ନିଗମ ଭାବେ ମାନ୍ୟତା ଦେଇଥିବା ବେଳେ ମାନଦଣ୍ଡ ପୂରଣ ହେଉ ନ ଥିବା କାରଣରୁ ବାଲେଶ୍ୱର ପୌରାପାଳିକା ଏଥିରୁ ବଞ୍ଚିତ ହୋଇଥିଲା। ସମ୍ପ୍ରତି ମହାନଗର ନିଗମ ମାନ୍ୟତା ପାଇବାକୁ ଆବଶ୍ୟକୀୟ ସମସ୍ତ ମାନଦଣ୍ଡକୁ ବାଲେଶ୍ୱର ପୌରପାଳିକା ପୂରଣ କରୁଛି। ଏ ଦିଗରେ ପ୍ରାଥମିକ ବିବରଣୀ ସରକାରଙ୍କୁ ପ୍ରଦାନ କରାଯାଇଛି। ସାମ୍ପ୍ରତିକ ସମୟର ଆବଶ୍ୟକତା, ଲୋକଙ୍କ ଦାବି ସହିତ ନିୟମ ଭିତ୍ତିରେ ବାଲେଶ୍ୱର ପୌରପାଳିକାକୁ ମହାନଗର ନିଗମରେ ପରିଣତ ପାଇଁ ରାଜ୍ୟ ସରକାର ବିହିତ ପଦକ୍ଷେପ ନେବାକୁ ବିଧାୟକ ଦତ୍ତ ଦାବି ଜଣାଇଛନ୍ତି।


ବିଧାନସଭାରେ ଦାବି ଉପସ୍ଥାପନ କରୁଛନ୍ତି ବିଧାୟକ ମାନସ ଦତ୍ତ।

# ଜବରଦଖଲରେ ମେଡିକାଲ-ବଳଦେବଜୀଉ ମନ୍ଦିର ରାସ୍ତା

## ପ୍ରଶାସନ ପକ୍ଷରୁ ଚିହ୍ନଟ ପ୍ରକ୍ରିୟା ଆରମ୍ଭ

କେନ୍ଦୁଝର,୧୦।୧୨ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟଠାରୁ ବଳଦେବଜୀଉ ମନ୍ଦିର ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗର ରାସ୍ତାର ଉଭୟ ପାର୍ଶ୍ୱରେ ସରକାରୀ ଜମି ଜବରଦଖଲରେ ରହିଛି। ଫଳରେ ସ୍ଥାନୀୟ ଲୋକେ ଓ ମେଡ଼ିକାଲକୁ ଆସିଥିବା ଆମ୍ବୁଲାନ୍ସ ଅନେକ ସମୟରେ ସମସ୍ୟାରେ ପଡୁଛନ୍ତି। ଏ ନେଇ ବାରମ୍ବାର ଅଭିଯୋଗ ପରେ ଉଚ୍ଛେଦ ପାଇଁ ଚିହ୍ନଟ କାର୍ଯ୍ୟ ଆରମ୍ଭ ହୋଇଛି। ମାଜିଷ୍ଟ୍ରେଟ୍ ବିନୋଦ ପଣ୍ଡାଙ୍କ ଉପସ୍ଥିତିରେ କେନ୍ଦୁଝରଗଡ଼ ପୌରପାଳିକା, ସଦର ତହସିଲ, ପୂର୍ତ୍ତ ବିଭାଗ ଏବଂ ଟାଉନ ଥାନା ପୋଲିସ ଉପସ୍ଥିତ ଥିଲେ।

ରାସ୍ତାକୁ ଲାଗି ଘର, ବ୍ୟବସାୟିକ ସଂସ୍ଥା ହୋଇଥିବାରୁ ରାସ୍ତା ସଙ୍କୁଚିତ ହୋଇ ଯାତାୟାତରେ ବାଧା ସୃଷ୍ଟି କରୁଛି। ହସ୍ପିଟାଲ୍ ରାସ୍ତାରେ ସରକାରୀ ଜମି


ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ରାସ୍ତା ମାପ ହେଉଛି।

ଜବରଦଖଲ ସହ ବେଆଇନ ପାର୍କିଂ, ଗୋରୁ, କୁକୁରଙ୍କ ଯୋଗୁ ପ୍ରତିଦିନ ଆମ୍ବୁଲାନ୍ସ ହସ୍ପିଟାଲକୁ ଆସିବାରେ ସମସ୍ୟା ହେଉଛି। ବାରମ୍ବାର ଅଭିଯୋଗ ପରେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ରାସ୍ତା କଡରେ ହୋଇଥିବା ଜବରଦଖଲ ଉଚ୍ଛେଦ ପାଇଁ ମାପଚୁପ ଆରମ୍ଭ ହୋଇଛି। ଚିହ୍ନଟ ପରେ ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ କରାଯିବ ବୋଲି ନିର୍ବାହୀ ଅଧିକାରୀ ବସନ୍ତ କୁମାର ସେଠୀ ପ୍ରକାଶ କରିଛନ୍ତି। ଚିହ୍ନଟ ପ୍ରକ୍ରିୟାରେ ସଦର ତହସିଲଦାର ଶୁଭେନ୍ଦୁ ସାହୁ, ପୌରପାଳିକା ନିର୍ବାହୀ ଅଧିକାରୀ ବସନ୍ତ ସେଠୀ, ସଦର ତହସିଲ ସୁପରଭାଇଜର ପୁରୁଷୋତ୍ତମ କୁଅଁର, ପୂର୍ତ୍ତ ବିଭାଗ ଏସ୍‌ଡିଓ ଇଂ. ଉମାକାନ୍ତ ବେହେରା, କେନ୍ଦୁଝରଗଡ଼ ପୌରପାଳିକାର ସିନିୟର ଆସିଷ୍ଟାଣ୍ଟ ଦୀପକ ବେହେରାଙ୍କ ସମେତ ସଦର ତହସିଲ ଏବଂ ପୌରପାଳିକାର ରାଜସ୍ୱ ନୀରିକ୍ଷକ, ଅମିନ ମାପଚୁପ ସମୟରେ ଉପସ୍ଥିତ ଥିଲେ। ପୂର୍ବରୁ ଲାବଣ୍ୟଛକଠାରୁ ଓଡ଼ିଶା ଖଣି ଯାନ୍ତ୍ରିକ ବିଦ୍ୟାଳୟ ପର୍ଯ୍ୟନ୍ତ ମାପଚୁପ ହୋଇ ଚିହ୍ନଟ ହୋଇଥିଲା। ମାତ୍ର ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ ହେଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରଶାସନ ପକ୍ଷରୁ ଏହି ଜନାକୀର୍ଣ୍ଣ ରାସ୍ତା ପାର୍ଶ୍ୱରୁ ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ କରିବା ପାଇଁ ଜିଲାପାଳଙ୍କ ନିକଟରେ ଦାବି ହୋଇଛି।

# ସଂକ୍ଷେପରେ

## ନୂଆଗାଁରେ ୨ ବଖରା ଜଳିଗଲା

ଛେନାପଦି,୧୦।୧୨ (ନିରାକାର ପରିଡା)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ ଆଇଟିପୁର ପଞ୍ଚାୟତ ଅଧୀନସ୍ଥ ନୂଆଗାଁ ଗ୍ରାମରେ ୨ବଖରା ଜଳିଯାଇଛି। ସୋମବାର ବିଳମ୍ବିତ ରାତିରେ କୌଣସି କାରଣ ବଶତଃ ଗ୍ରାମର ବିଦ୍ୟାଧର ବେହେରାଙ୍କ ଘରେ ନିଆଁ ଲାଗି ଘର ସରଞ୍ଜାମ ସହ ଦରକାରୀ କାଗଜପତ୍ର ପୋଡ଼ିଯାଇଛି। ଭଣ୍ଡାରିପୋଖରୀ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ସୁଦ୍ଧା ଘର ସମ୍ପୂର୍ଣ୍ଣ ପୋଡ଼ିଯାଇଥିଲା। ବିଦ୍ୟାଧରଙ୍କ ଘରକୁ ଲାଗିଥିବା ଅନ୍ୟଜଣଙ୍କ ଘରେ ମଧ୍ୟ ଆଂଶିକ ନିଆଁ ଲାଗିଥିଲା। ରାଜସ୍ୱ ନିରୀକ୍ଷକ ଘଟଣାସ୍ଥଳକୁ ଯାଇ ପରିଦର୍ଶନ ପରେ ଖଣ୍ଡିଏ ପଲିଥିନ ଯୋଗାଇ ଦେଇଛନ୍ତି। ବିଦ୍ୟାଧରଙ୍କୁ ପ୍ରଶାସନ ପକ୍ଷରୁ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ପୃଥକ୍ ମାମଲାରେ ୨ ଗିରଫ

ଚମ୍ପୁଆ,୧୦।୧୨(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ପୋଲିସ ମଙ୍ଗଳବାର ୨ ୱାରେଣ୍ଟିଙ୍କୁ ଗିରଫ କରିଛି। ଅଭିଯୁକ୍ତ ଦ୍ୱୟ ଭାଲିଆଡିପା ସାହି ସାନନଇର ବାସିନ୍ଦା ତପନ ପ୍ରଧାନ (୩୪), ଚମ୍ପୁଆ ଥାନା ଟିଆଁସପଶିର ଦୁଃଶାସନ ସିଂହ (୬୫)। ଉଭୟ ବିଭିନ୍ନ ମାମଲାରେ ଛନ୍ଦି ହୋଇ ଧରାଛୁଆଁ ଦେଉ ନ ଥିଲେ ବୋଲି ଚମ୍ପୁଆ ଥାନା ଆଇଆଇସି ଅବିନାଶ ପରିଡ଼ା କହିଛନ୍ତି। ତପନଙ୍କୁ ୱାରେଣ୍ଟ ଜିଆର୍ ନମ୍ବର ୯୦/୨୦ ଆଧାରରେ ପୋଲିସ ଧରିଛି। ସେହିପରି ଦୁଃଶାସନ (୬୫)ଙ୍କୁ ୱାରେଣ୍ଟ୍ ଜିଆର୍ ନମ୍ବର ୧୮୩/୨୦୧୯ ଆଧାରରେ ଗିରଫ କରାଯାଇଥିବା ପୋଲିସ କହିଛି।

## ପୋଡ଼ିହୋଇ ଗୁରୁତର ବୃଦ୍ଧାଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ

ପାଟଣା,୧୦।୧୨(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ଘୁରୁମୁଙ୍ଗା ଥାନା ମହୁଦିପା ଗ୍ରାମରେ ରୋଷେଇ ବେଳେ ପୋଡ଼ି ଗୁରୁତର ହୋଇଥିବା ବୃଦ୍ଧାଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ମୃତା ଜଣଙ୍କ ହେଲେ ଗ୍ରାମର ରବୀନ୍ଦ୍ର ନାଏକଙ୍କ ସ୍ତ୍ରୀ ପୂର୍ଣ୍ଣମୀ (୬୫)। ସେ ଗତ ଶୁକ୍ରବାର ସନ୍ଧ୍ୟାରେ ଚୁଲିରେ ରୋଷେଇ କରୁଥିଲେ। ଅସାବଧାନତା ବଶତଃ ତାଙ୍କର ୨ ଗୋଡ଼ ପୋଡ଼ିଯାଇଥିଲା। ଗୁରୁତର ଅବସ୍ଥାରେ ପରିବାର ଲୋକେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସୋମବାର ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ହୋଇଥିଲା। ମଙ୍ଗଳବାର ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ଘୁରୁମୁଙ୍ଗା ଥାନାରେ ଏକ ମାମଲା(ନଂ. ୩୮/୨୪ରେ ରୁଜୁ ହୋଇ ତଦନ୍ତ ଚାଲିଥିଲା। ବା ଘୁରୁମୁଙ୍ଗା ଥାନା ଏଏସ୍‌ଆଇ ବିରେନ୍ଦ୍ର କିଶୋର ବେହେରା କହିଛନ୍ତି।

## ଚାଷୀଙ୍କୁ ଡାଲିଜାତୀୟ ବିହନ ବଣ୍ଟନ

ବଉଳା,୧୦।୧୨(ଦୁର୍ଗା ପ୍ରସାଦ ଆୟଚ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍‌ର ମରେଇଗାଁ କୃଷି କାର୍ଯ୍ୟାଳୟ ପକ୍ଷରୁ ବଞ୍ଜୋ ପଞ୍ଚାୟତ ବଞ୍ଜୋରେ ଡାଲି ଜାତୀୟ ବିହନ ଚାଷୀଙ୍କୁ ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ କୃଷି ବିଭାଗ ଭିଏଲଡବ୍ଲ୍ୟୁ ଉମେଶ ଚନ୍ଦ୍ର ପ୍ରଧାନ, ସରପଞ୍ଚ ପ୍ରଶାନ୍ତ ରାଉତ, ଏମ୍‌ପିଙ୍କ ପ୍ରତିନିଧି ଜ୍ଞାନ ରଞ୍ଜନ ସାମନ୍ତସିଂହାର, କୃଷକ ସାଥି ମନୁଆ ବରାଳ ଉପସ୍ଥିତ ରହି ଚାଷୀଙ୍କୁ ବିହନ ପ୍ରଦାନ କରିଥିଲେ। ଚଳିତ ବର୍ଷ ସ୍ୱଳ୍ପ ବୃଷ୍ଟି ହେବାରୁ ବହୁ ଚାଷ ଜମି ପଡ଼ିଆ ପଡ଼ିଥିଲା। ଏହାକୁ ନେଇ ସରକାର ବିଭିନ୍ନ ଗ୍ରାମରେ ଡାଲି ଜାତୀୟ ଚାଷକରି ଚାଷୀ ଯେଭଳି ଆର୍ଥିକ ସ୍ଥିତି ସମ୍ମୁଖୀନ ନ ହେବ ସେଥିପାଇଁ ମରେଇଗାଁ କୃଷି କାର୍ଯ୍ୟାଳୟ ପକ୍ଷରୁ ବିହନ ବଣ୍ଟନ କରାଯାଉଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି।

# ସରକାରୀ ବସ୍‌ରେ ମହିଳାଙ୍କୁ ଅସଦାଚରଣ

## ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ମହିଳା

କେନ୍ଦୁଝର,୧୦।୧୨(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝରରୁ ସଦର ବ୍ଲକ୍ ଶଙ୍କିରି ପଞ୍ଚାୟତ ଜଡ଼ିପଦା ଗ୍ରାମକୁ ଯାଉଥିବା ଜଣେ ମହିଳାଙ୍କୁ ମୁଖ୍ୟମନ୍ତ୍ରୀ ବସ ସେବା ବସରେ ଅସଦାଚରଣ ଅଭିଯୋଗ ହୋଇଛି। ଏହାର ପ୍ରତିବାଦ କରିବାରୁ ବସ୍ ଚାଳକ ପାଟିକରି ଗାଳିଗୁଲଜ କରିଥିଲେ। ଏ ନେଇ ବୁଧବାର ନିମାଦ୍ରୀ ସିଂହଙ୍କ ସମେତ ମହିଳାମାନେ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଛନ୍ତି।

ଅଭିଯୋଗ ମୁତାବକ, ନିମାଦ୍ରୀ ଗତ ୭ ତାରିଖରେ ସ୍ୱାସ୍ଥ୍ୟ ପରୀକ୍ଷା କରି କେନ୍ଦୁଝରରୁ ସଦର ବ୍ଲକ୍ ଶଙ୍କିରି ପଞ୍ଚାୟତ ଜଡ଼ିପଦା ଗ୍ରାମକୁ ଯାଉଥିଲେ। ସେ ଯାଉଥିବା ଓଏସ୍‌ଆରଟିସି ବସ୍ (ଓଡି ୦୯ ଏବି ୧୯୦୨)ରେ ଜଣେ ମହିଳା


ଅଭିଯୋଗକାରୀ ମହିଳାମାନେ।

କଣ୍ଡକଟର ଅସଦାଚରଣ କରିଥିଲେ। ପ୍ରତିବାଦ କରିବାରୁ ଚାଳକ ଗାଳିଗୁଲଜ କରିଥିଲେ। ଜିଲାପାଳ ଏହାର ତଦନ୍ତ କରି ଡ୍ରାଇଭରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ବିଦା କରିବାକୁ ଜ୍ୟୋସ୍ନାରାଣୀ ନାୟକ, ଝିଲିରାଣୀ ନାୟକ ପ୍ରମୁଖ ଲିଖିତ ଭାବରେ ଜଣାଇଛନ୍ତି।

# ଜିଲା ଶିଶୁଯତ୍ନ ଅନୁଷ୍ଠାନ ଛାତ୍ରୀଛାତ୍ରଙ୍କ ବାଜିମାତ୍



ପ୍ରଶିକ୍ଷକଙ୍କ ସହ କ୍ରୀଡ଼ାବିତମାନେ।

କେନ୍ଦୁଝର,୧୦।୧୨(ନରେଶ ଚନ୍ଦ୍ର ପଟ୍ଟନାୟକ)

## ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ମହକ, ଉତ୍ସାହ

ରାଜ୍ୟ ଶିଶୁ ସୁରକ୍ଷା ସମିତି ତରଫରୁ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ହୋଇଥିବା ରାଜ୍ୟସ୍ତରୀୟ ଉତ୍ସାହ କାର୍ଯ୍ୟକ୍ରମରେ କେନ୍ଦୁଝର ଜିଲା ଶିଶୁ ଯତ୍ନ ଅନୁଷ୍ଠାନର ୨୧ ଜଣ ଅନ୍ତେବାସୀ ବାଜିମାତ କରିଛନ୍ତି। ବିଭିନ୍ନ ବିଭାଗରେ ଚାମ୍ପିୟନ ହୋଇ ଜିଲା ପାଇଁ ଗୌରବ ଆଣିଛନ୍ତି। ପ୍ରକାଶ ଯେ, ଗତ ୨୫ ନଭେମ୍ବରଠାରୁ ୩୦ ପର୍ଯ୍ୟନ୍ତ ଭୁବନେଶ୍ୱରରେ ହେଉଥିବା ମହକ ଓ ଉତ୍ସାହ ୨୦୨୪ କାର୍ଯ୍ୟକ୍ରମରେ କେନ୍ଦୁଝର ଜିଲାରୁ ମୋଟ ୬ ଗୋଟି ଶିଶୁ ଗୃହ ଅନୁଷ୍ଠାନର ୨୧ ଜଣ ଛାତ୍ରୀଛାତ୍ର ଚାଇଲ୍ଡ ଲାଇନ କର୍ମୀ ଦେବଜ୍ୟୋତି ଦେହୁରୀ, କୃଷ୍ଣଚନ୍ଦ୍ର ମହାକୁଡ, ଶିଶୁ ଯତ୍ନ ଅନୁଷ୍ଠାନର ସ୍ଥିତିପ୍ରଜ୍ଞା ବଳ ଓ ସୁଦର୍ଶନ ବଳଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ପ୍ରତିଯୋଗୀଙ୍କୁ ନେଇ ଭୁବନେଶ୍ୱର ଯାଇଥିଲେ। ୫ ଗୋଟି ବିଭାଗରେ କୃତୀତ୍ୱର ସହ ପଦକ ହାସଲ କରିଥିବାରୁ ସାରା ଓଡ଼ିଶାର ସମସ୍ତ ପ୍ରତିଯୋଗୀଙ୍କ ମଧ୍ୟରେ ଚାମ୍ପିୟନ ହୋଇ କେନ୍ଦୁଝର ଟିମ ଜିଲା ପାଇଁ ଗୌରବ ଆଣିଛନ୍ତି। ପୁରସ୍କାର ବିତରଣୀ ଉତ୍ସବରେ ରାଜ୍ୟ ଶିଶୁ ସୁରକ୍ଷା ସମିତିର ନିର୍ଦ୍ଦେଶିକା ମନୀଷା ବାନାର୍ଜୀ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। କେନ୍ଦୁଝର ଜିଲାର ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ଜିଲାପାଳ ବିଶାଳ ସିଂ, ଅତିରିକ୍ତ ଜିଲାପାଳ ମନ୍ଦିରଧର ମହାଳିକ, ଜିଲା ଶିଶୁ ମଙ୍ଗଳ ସମିତି ଅଧକ୍ଷ ଡ. ବିଭୂତି ଭୂଷଣ ଦାଶ, ଜିଲା ଶିଶୁ ସୁରକ୍ଷା ଅଧିକାରିଣୀ ନିରୁପମା ସାହୁ ଓ ମୁକ୍ତିକାନ୍ତ ପଣ୍ଡା ଶୁଭେଚ୍ଛା ଜଣାଇଛନ୍ତି।

## ଜବରଦଖଲ ଉଚ୍ଛେଦ, ରାସ୍ତା ନିର୍ମାଣ ଦାବି

ପାଟଣା,୧୦।୧୨(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ବୁଢ଼ିକାପୁଡି ପଞ୍ଚାୟତ ଅନ୍ତର୍ଗତ ତେନ୍ତୁଳାପଶି ଗାଁ ମୁଣ୍ଡରୁ ବୈତରଣୀ ନଦୀ ରାସ୍ତାରୁ ଜବରଦଖଲ ଉଚ୍ଛେଦ ସହ ରାସ୍ତା ନିର୍ମାଣ ଦାବି ହୋଇଛି। ଏ ନେଇ ଗ୍ରାମବାସୀ ମଙ୍ଗଳବାର ପାଟଣା ବିଡିଓ ମାନସ ଦଣ୍ଡପାଟଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ରାସ୍ତା ନିର୍ମାଣ ପାଇଁ କାର୍ଯ୍ୟାଦେଶ ମିଳିଥିଲେ ସୁଦ୍ଧା କାର୍ଯ୍ୟକାରୀ ହୋଇ ନ ଥିବାରୁ ଗ୍ରାମବାସୀ ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କୁ ଆବେଦନ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ପାଟଣା ବିଡିଓ, ଏପିଓ, ବୁଢ଼ିକାପୁଡି ସରପଞ୍ଚ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ ସରଜମିନ ତଦନ୍ତ ପାଇଁ ଯାଇଥିଲେ। ପାଟଣା ତହସିଲ କାର୍ଯ୍ୟାଳୟ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଇଥିଲେ ମଧ୍ୟ ଜବରଦଖଲକାରୀ କୌଣସି ଉନ୍ନୟନ ମୂଳକ କାର୍ଯ୍ୟ କରିବାକୁ ଦେଉ ନାହାନ୍ତି। ଗ୍ରାମର ମହିଳା ଓ ପୁରୁଷମାନେ ଜବରଦଖଲ ଉଚ୍ଛେଦ କରି ରାସ୍ତା ନିର୍ମାଣ କରିବାକୁ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

## ନୂତନ ଥାନା ଅଧିକାରୀଙ୍କ ଯୋଗଦାନ

ପାଟଣା,୧୦।୧୨(ବୀର କିଶୋର ଦାଶ)



କେନ୍ଦୁଝର ଜିଲା ପାଟଣା ଥାନାରେ ନୂତନ ଥାନା ଅଧିକାରୀ ଭାବେ ମଙ୍ଗଳବାର ମାନସ ମହାକୁଡ ଯୋଗ ଦେଇଛନ୍ତି। ସେ ପୂର୍ବରୁ ଅନୁଗୋଳ, ରାଉରକେଲାର ଚାନ୍ଦିପୋଷ ଥାନାରେ କାର୍ଯ୍ୟ କରୁଥିଲେ। ଚୋରି ଓ ଆଇନଶୃଙ୍ଖଳା ଉପରେ ପ୍ରାଥମିକତା ଦେଇ କାର୍ଯ୍ୟ କରିବେ ବୋଲି ନୂତନ ଥାନା ଅଧିକାରୀ କହିଛନ୍ତି।

# ଲୁହାପଥର ବୋଝେଇ ଟ୍ରେଲର ଜବତ

## ଖଣି ବିଭାଗର ଚଢ଼ାଉ

ଯୋଡ଼ା,୧୦।୧୨(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳ ଅନ୍ତର୍ଗତ ତଥା ୫୨୦ ନଂ. ଜାତୀୟ ରାଜପଥର ବିଲେଇପଦା ଟୋଲଗେଟ୍‌ରେ ଲୁହାପଥର ଚୋରାଚାଲାଣ ବେଳେ ଖଣି ବିଭାଗ ଚଢ଼ାଉ କରିଛି। ଘଟଣାସ୍ଥଳରୁ ଖଣିଜ ବୋଝେଇ ଟ୍ରେଲରକୁ ଜବତ କରିଛି।

ସୂଚନା ଅନୁଯାୟୀ, ଯୋଡ଼ା ଖଣି ଉପ ନିର୍ଦ୍ଦେଶକ ଦିନେଶ ଅଗ୍ରୱାଲଙ୍କ ନିର୍ଦ୍ଦେଶ କ୍ରମେ ଉପ ନିର୍ଦ୍ଦେଶାଳୟର ଖଣି ଅଧିକାରୀ ବ୍ରହ୍ମାନନ୍ଦ ମହାନ୍ତ ଟୋଲଗେଟ୍‌ରେ ଯାଞ୍ଚ କରୁଥିଲେ। ଏହି ସମୟରେ ଟ୍ରେଲର (ନଂ. ପିବି ୧୩ ଏଏଫ୍ ୪୦୯୧)ରେ ପ୍ରାୟ ୩୫ ଟନ୍‌ରୁ ଉର୍ଦ୍ଧ୍ୱ ଉନ୍ନତମାନର ଲୁହାପଥର ଚୋରାଚାଲାଣ ଉଦ୍ୟମ ବେଳେ ଖଣି ଅଧିକାରୀ ଉକ୍ତ ଟ୍ରେଲରର ଟିପି ( ଟ୍ରାଞ୍ଜିଟ ପାସ ) ଯାଞ୍ଚ କରିଥିଲେ। ଟିପିରେ ଉଲ୍ଲେଖ



ଥିବା ଟ୍ରେଲର ନମ୍ବର ଓ ଲୁହାପଥର ବୋଝେଇ ହୋଇଥିବା ଟ୍ରେଲର ନମ୍ବର ଅଲଗା ଥିବାରୁ ତାହା ଚୋରାଚାଲାଣ ହେଉଥିବା ଜଣାପଡ଼ିଥିଲା। ଖଣି ବିଭାଗ ଟ୍ରେଲରକୁ ଜବତ କରିଥିଲା। କୋଇଡ଼ା ଖଣି ମଣ୍ଡଳସ୍ଥିତ ରୁଙ୍ଗଟା ସନସ ଖଣିରୁ ପରିବହନ ହେଉଥିବା ଖଣି ବିଭାଗ ଯାଞ୍ଚରୁ ଜାଣିବାକୁ ପାଇଛି। ଡ୍ରାଇଭର ଫେରାର ହୋଇ ଯାଇଥିବା ସୂଚନା ମିଳିଛି।

# ଜିଲାପାଳଙ୍କୁ ଅଭିଯୋଗ କଲେ ଶିକ୍ଷକ ସଂଘ

## ମଧ୍ୟାହ୍ନ ଭୋଜନ ଖର୍ଚ୍ଚକୁ ନେଇ ଅସନ୍ତୋଷ

ଚମ୍ପୁଆ,୧୦।୧୨(ମହେଶ୍ୱର ଦାସ)

ପ୍ରଧାନମନ୍ତ୍ରୀ ପୋଷଣ ଗାଇଡ୍‌ଲାଇନ ଅନୁସାରେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ଛାତ୍ରୀଛାତ୍ରଙ୍କୁ ସପ୍ତାହକୁ ୨ ଥର ଭୋଜନରେ ଅଣ୍ଡା ଦିଆଯିବାକୁ ନିର୍ଦ୍ଦେଶ ରହିଛି। ଏଥିପାଇଁ ପ୍ରାଥମିକ ବିଦ୍ୟାଳୟର ପିଲା ପିଛା ୫ ଟଙ୍କା ୯୦ ପଇସା ରୋଷେଇ ଖର୍ଚ୍ଚ ଏବଂ ଉଚ୍ଚ ପ୍ରାଥମିକ ପିଲା ପିଛା ୮ ଟଙ୍କା ୮୨ ପଇସା ଦିଆଯାଉଛି। ଅଣ୍ଡାର ବଜାର ଦର ଅହେତୁକ ଭାବେ ବୃଦ୍ଧି ପାଉଥିବାରୁ ଚମ୍ପୁଆ ବ୍ଲକ୍ ଶିକ୍ଷକ ସଂଘ ତରଫରୁ ଅସନ୍ତୋଷ ପ୍ରକାଶ କରି ମଣ୍ଡଳ ଶିକ୍ଷାଧିକାରୀଙ୍କ ଜରିଆରେ ଜିଲାପାଳ ତଥା ଡିଏମ୍‌ଏଫ୍‌ର ଚେୟାରମ୍ୟାନଙ୍କୁ ଅବଗତ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ପିଲା ପିଛା ମଧ୍ୟାହ୍ନ ଭୋଜନ ଖର୍ଚ୍ଚ ୫ ଟଙ୍କା ୯୦ ଓ ୮ ଟଙ୍କା ୩୨ ପଇସା ଯୋଗାଇଦିଆଯାଉଛି। ମାତ୍ର ବଜାରରେ ଅଣ୍ଡା ଦାମ କେବଳ ୮ ଟଙ୍କା। ଏହା ବାଦ ଚାଉଳ ଡାଲି କାଠର ଖର୍ଚ୍ଚ କିପରି ଭରଣା ହେବ ସେଥିପ୍ରତି ପ୍ରଶାସନର ନିଘା ନାହିଁ। ଫଳରେ ପ୍ରତ୍ୟେକ ମାସ ଶିକ୍ଷକଙ୍କ ପକେଟରୁ ୫ ହଜାର ଟଙ୍କା ଖର୍ଚ୍ଚ ହେଉଛି। ଅଣ୍ଡା ଦୋକାନରେ ବାକି ରହୁଥିବାରୁ ଦୋକାନୀ ଅଣ୍ଡା ଯୋଗାଣ ବନ୍ଦ କରିବାକୁ ତାଗିଦ କରୁଛି। ତେଣୁ ମଧ୍ୟାହ୍ନ ଭୋଜନ ପରିଚାଳନା କରିବା ସେମାନଙ୍କ ପକ୍ଷେ ଅସମ୍ଭବ ହେଉଛି। ଏହି ବାବଦରେ ବାରମ୍ବାର ଅବଗତ କରାଯାଉଥିଲେ ମଧ୍ୟ ପ୍ରଶାସନ ଚୁପ୍ ରହିବା ବିଡ଼ମ୍ବନାର ବିଷୟ ବୋଲି ସଂଘ ସଭାପତି ଚିତରଞ୍ଜନ ମହାନ୍ତ ଏବଂ ସମ୍ପାଦକ ପ୍ରଦିପ ମହାନ୍ତ କ୍ଷୋଭ ପ୍ରକାଶ କରିଛନ୍ତି।

# ଦରଦାମ ବୃଦ୍ଧି ପ୍ରତିବାଦରେ ସିପିଆଇର ବିକ୍ଷୋଭ



ସିପିଆଇ କର୍ମକର୍ତ୍ତାମାନେ ଶୋଭାଯାତ୍ରାରେ ଯାଉଛନ୍ତି।

**ଚମ୍ପୁଆ,୧୦।୧୨(ମହେଶ୍ୱର ଦାସ):** ଭାରତୀୟ କମ୍ୟୁନିଷ୍ଟ ପାର୍ଟି ତରଫରୁ ମଙ୍ଗଳବାର ଆଦାନୀକୁ ଗିରଫ, ଅହେତୁକ ଦରମାର ବୃଦ୍ଧି ଓ ଅନ୍ୟାନ୍ୟ ପ୍ରସଙ୍ଗକୁ ନେଇ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କମ୍ୟୁନିଷ୍ଟ ପାର୍ଟିର ଜିଲା ସମ୍ପାଦକ ବିଦ୍ୟାଧର ମହାନ୍ତ, ସହ-ସମ୍ପାଦକ ଅର୍ଜୁନ ଚରଣ ମହାନ୍ତଙ୍କ ନେତୃତ୍ୱରେ ସହସ୍ରାଧିକ କର୍ମୀଙ୍କୁ ନେଇ ଏକ ରାଲି ସ୍ଥାନୀୟ ନେହେରୁ ଷ୍ଟାଡ଼ିୟମରୁ ବାହାରି ସରକାର ବିରୋଧି ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲା। ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ପରେ ମହାମହିମ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ସ୍ଥାନୀୟ ଉପ ଜିଲାପାଳ ଉମାକାନ୍ତ ପରିଡ଼ାଙ୍କୁ ପ୍ରଦାନ କରାଯାଇଥିଲା। ସେମାନଙ୍କ ପ୍ରମୁଖ ଦାବିଗୁଡ଼ିକ ମଧ୍ୟରେ ମୋଦି ସରକାରଙ୍କ ବାହୁଛାୟା ତଳେ ରହି ଗୌତମ ଆଦାନୀ ଦେଶର ବିଭିନ୍ନ ସମ୍ବଳ ଲୁଣ୍ଠନ କରିଚାଲିଛି। ଏ ପ୍ରସଙ୍ଗରେ ବିଶ୍ୱର ବିଭିନ୍ନ ଅଦାଲତ ତାଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ ମଧ୍ୟ ତାଙ୍କୁ ଗିରଫ କରାଯାଉନାହିଁ। ଅତ୍ୟାବଶ୍ୟକ ସାମଗ୍ରୀର ଅହେତୁକ ମୂଲ୍ୟବୃଦ୍ଧି ସାଧାରଣ ଜନତାଙ୍କ ଅଣ୍ଟା ଭାଙ୍ଗି ଦେଲାଣି। ଏଥି ସହିତ ବନ୍ଦ ଖଣିକୁ ଚାଲୁ କରିବା, ଛଟେଇ ଶ୍ରମିକଙ୍କୁ ପୁନଃ ନିଯୁକ୍ତି, ବାର୍ଦ୍ଧକ୍ୟ ଭତ୍ତା ୩୫୦୦ ଟଙ୍କା ପ୍ରଦାନ ଏବଂ ଡବଲ ଇଞ୍ଜିନ ସରକାର ଆସିବା ପରେ ଇଷ୍ଟକୋଷ୍ଟ ରେଲୱେରୁ ୱାଲଟିଅର ଡିଭିଜନକୁ ଓଡ଼ିଶାରୁ ଅଲଗା କରିବା ଆଦି ଦାବିଗୁଡ଼ିକୁ ଉପରେ ସାମ୍ବିଧାନିକ ବିଧିବ୍ୟବସ୍ଥା ମାଧ୍ୟମରେ ସମାଧାନ କରିବାକୁ ରାଷ୍ଟ୍ରପତିଙ୍କୁ ଅନୁରୋଧ କରିଛନ୍ତି। ବିକ୍ଷୋଭରେ ଅନ୍ୟମାନଙ୍କ ମଧ୍ୟରେ ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଗିରିଶ ଚନ୍ଦ୍ର ନାଏକ, ଭରଦ୍ୱାଜ ମହାନ୍ତ, ନରେଶ ଚନ୍ଦ୍ର ମହାନ୍ତ, ଦଶମା ମୁଣ୍ଡା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

# ୨ ଜଣଙ୍କୁ ଜୋତାମାଳ ପିନ୍ଧାଇବା ଘଟଣାରେ ୫ ଗିରଫ

କେନ୍ଦୁଝର,୧୦।୧୨ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ତେଲକୋଇ ଥାନା ପୋଲିସ ୨ ଯୁବକଙ୍କ ମୁହଁରେ କଳା ବୋଳି ଜୋତା ମାଳ ପିନ୍ଧାଇବା ଘଟଣାରେ ୫ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଭୀମକାଣ୍ଡ ପଞ୍ଚାୟତ ଡିମିରିମୁଣ୍ଡା ଗ୍ରାମର ଶତ୍ରୁଘନ ମାହାକୁଡ଼, ଜଗା ମାହାକୁଡ଼, ମାୟାଧର ପ୍ରଧାନ, ଡମ୍ବରୁ ବେହେରା, ଗୋପୀ ବେହେରା। ମଙ୍ଗଳବାର ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି।

ପ୍ରକାଶ ଯେ, ଉକ୍ତ ଥାନା ଅନ୍ତର୍ଗତ ଭୀମକାଣ୍ଡ ପଞ୍ଚାୟତ ଡିମିରିମୁଣ୍ଡା ଗ୍ରାମରେ ରବିବାର ବିଳମ୍ବିତ ରାତିରେ ସୁରେଇ ବେହେରାଙ୍କ ଘରୁ ଚୋରି ହୋଇଥିଲା। ଦୁର୍ବୃତ୍ତ ଝରକା ଭାଙ୍ଗି ୮ ପ୍ୟାକେଟ ଧାନ ନେଇଯାଇଥିଲେ। ସୋମବାର ସନ୍ଦେହରେ ଗ୍ରାମବାସୀ ଉକ୍ତ ଗ୍ରାମର ଜଣଙ୍କୁ ଧରିଥିଲେ। ସେ ଚୋରି କରି ୨୦ କିଲୋ ଧାନକୁ ୨ ଶହ ଟଙ୍କାରେ ଗ୍ରାମର ଅନ୍ୟଜଣଙ୍କୁ ବିକ୍ରି କରିଥିବା କହିଥିଲେ। ଘଟଣାରେ ଗ୍ରାମବାସୀ ଉତ୍ତକ୍ଷିପ୍ତ ହୋଇ ଦୁହିଁଙ୍କ ମୁହଁରେ କଳାମାରି, ନିଶ କାଟି, ବେକରେ ଜୋତା ପିନ୍ଧାଇ ଗାଁ ଦାଣ୍ଡରେ ବୁଲାଇଥିଲେ। ଏହାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା। ବାବୁଲି ପ୍ରଧାନଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା(ନଂ.୩୨୨/୨୦୨୪) ରୁଜୁ କରି ଭିଡ଼ିଓରୁ ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିଲା। ତେଲକୋଇ ଥାନା ଅଧିକାରୀ ସୁଶାନ୍ତ ପରିଡା କହିଛନ୍ତି, ୫ ଜଣଙ୍କୁ ଗିରଫ କରାଯାଇ ଘଟଣାର ଅଧିକ ତଦନ୍ତ ଚାଲିଛି।

ସୂଚନାଯୋଗ୍ୟ, କିଛି ଦିନ ପୂର୍ବେ ତେଲକୋଇ ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଅସଦାଚରଣ ଅଭିଯୋଗରେ ଜଣେ ଯୁବକଙ୍କୁ ସମାନ ଭାବରେ ଗ୍ରାମରେ ବୁଲାଇ ଭୁଲ ମାଗିବାକୁ କହିଥିଲେ। ନିରକ୍ଷରତା ଏବଂ ସଚେତନତା ଅଭାବ ଯୋଗୁ ଏଭଳି ଘଟଣା ବିଶେଷ କରି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଘଟୁଛି। ଏ ନେଇ ପ୍ରଶାସନ ପକ୍ଷରୁ ପଦକ୍ଷେପ ନେବାକୁ ଦାବି ହେଉଛି।



